## ସଂକ୍ଷେପରେ

### ଭାଷାବିତ୍, ସାହିତ୍ୟିକ ସମ୍ମାନିତ

ପଦ୍ମପୁର, ୩।୨ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ସମିତି ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି, ପଦ୍ମପୁର ତହସିଲଦାର ସତୀଶ କୁମାର ବୋହିନୀ, ପୂର୍ବତନ ତହସିଲଦାର ଗୀତାଞ୍ଜଳି ବେହେରା, ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ ପ୍ରମିଳା ବେହେରା, ସହାକାରୀ ଯନ୍ତ୍ରୀ ରଶ୍ମିତା ଶବର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଥମେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ପରେ ଭାଷା ଅତୀତର ଅସ୍ତିତ୍ୱ ଭାଷା ହିଁ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରାଯାଇଛି। ପଦ୍ମପୁରର ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ସ୍ଥାନୀୟ ସରକାରୀ କଲେଜ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ସାହୁ, ଭାଷାବିତ ଦିଲ୍ଲୀପ କୁମାର କର, ସାହିତ୍ୟିକା ସୁନିତା ପଣ୍ଡା, ଯୁବ ସାହିତ୍ୟିକ ରୂପେଶ ସାହୁ, ଦେବାଶିଷ ମହାପାତ୍ର, ରାଧାମୋହନ ପାଣିଗ୍ରାହୀ, ସୁନିତା ସାହୁ ଆଲୋଚନା ଚକ୍ରରେ ଭାଗ ନେଇଥିଲେ। ଓଡ଼ିଆ ଭାଷା, ବର୍ଣ୍ଣବୋଧ ଓ ଲିପିର ଉତ୍ପତ୍ତି, ପରିମାର୍ଜିତ ଏବଂ ବିକାଶ ସମ୍ପର୍କରେ ମତ ଦେଇଥିଲେ। ଭାଷାବିତ୍‌ମାନଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି, ତହସିଲ କାର୍ଯ୍ୟାଳୟ ଓ ମହିଳା ଓ ଶିଶୁ ବିକାଶ ବିଭାଗ କାର୍ଯ୍ୟାଳୟ ସମସ୍ତ କର୍ମଚାରୀ, ଏସ୍‌ଏଚ୍‌ଜି ମହିଳା, ଓଡ଼ିଆ ଭାଷାପ୍ରେମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ବ୍ଲକ ମିଶନ ଶକ୍ତି ସଂଯୋଜକ ସୁନୀଲ ମିଶ୍ର ଧନ୍ୟବାଦ ଦେଇଥିଲେ।

### ସାହିତ୍ୟ ପ୍ରତିଭା ସମ୍ମାନିତ

ଗୁଡାରି, ୩।୨ (ପ୍ରମୋଦ କୁମାର ପତି)

ଗୁଡାରି ବ୍ଲକ କାର୍ଯ୍ୟାଳୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ କରାଯାଇଛି। ବିଡିଓ ଅନିଶା ଦାସ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବର, ଉପାଧ୍ୟକ୍ଷ ବିଶ୍ୱନାଥ ଶବର ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଡିଓ ଓଡ଼ିଆ ଭାଷା ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ



ଅଭିଭାଷଣ ରଖିଥିଲେ। ଓଡ଼ିଆ ଭାଷା କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ଲକର ଶିକ୍ଷକ ରାଧାମୋହନ ପାଣିଗ୍ରାହୀଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ କର୍ମଚାରୀ, ଏସ୍‌ଏଚ୍‌ଜି ମହିଳା ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିପିଏମ୍ ମାନସ ବାରିକ ପରିଚାଳନା କରିଥିଲେ।

### ୧୯୭୪ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

ଗୁଣପୁର, ୩।୨ (ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ୧୯୭୪ ମାଟ୍ରିକ ବ୍ୟାଚର ୫୦ ବର୍ଷ ଅବସରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ପୁରୀରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ଛାତ୍ରମାନେ ୫୦ ବର୍ଷର ଅନୁଭୂତିରେ ସ୍ମୃତିଚାରଣ କରିଥିଲେ। ରାଜ୍ୟ ଏବଂ ରାଜ୍ୟ ବାହାରର ବିଭିନ୍ନ ସ୍ଥାନରେ ଥିବା ବନ୍ଧୁମାନେ ବନ୍ଧୁମିଳନ ରେ ଯୋଗ ଦେଇଥିଲେ।

# ଭାଷାର ଐତିହ୍ୟ ଓଡ଼ିଆକୁ ସମୃଦ୍ଧ କରିଛି: ଜିଲାପାଳ

## ବିଶ୍ୱ ପ୍ରଥମ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀରେ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ରାୟଗଡ଼ା, ୩।୨ (ଆଶିଷ ରଞ୍ଜନ ପଣ୍ଡା)



ବ୍ଲକ ସମ୍ମିଳନୀ କକ୍ଷଠାରେ ଫଟୋ ଗ୍ୟାଲେରି ଓ ଓଡ଼ିଆ ପୁସ୍ତକ ପ୍ରଦର୍ଶନୀକୁ ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଉନ୍ମୋଚନ କରୁଛନ୍ତି।

ବିଶ୍ୱ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଘାଟନ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ସହରରେ ସ୍ଥାପିତ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଶନିବାର ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନମନ୍ତ୍ରୀ ଜଗନ୍ନାଥ ସାରକା, ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ବିଜେଡି ରାଜ୍ୟ ମହିଳା ଉପସଭାନେତ୍ରୀ ସୁଜାତା ପାଳ, ଜିଲା ମହିଳା ସଭାନେତ୍ରୀ ଶ୍ରମିତା ପାଢ଼ୀ, ସମସ୍ତ କାଉନସିଲର ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ସହରର ଗାନ୍ଧୀ ପାର୍କଠାରେ ଅବସ୍ଥାପିତ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରଥିଲେ। ଏହାପରେ ପୂର୍ବାହ୍ନ ୧୧ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ଓଡ଼ିଶାର ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲପାଳ ମହାଜନ କହିଥିଲେ। ଓଡ଼ିଆ ଭାଷାର ଐତିହ୍ୟ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଓଡ଼ିଆ ଭାଷା ଏକ ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇଛି। ଯାହା ଓଡ଼ିଆ ଭାଷାକୁ ସମୃଦ୍ଧ କରିଛି। କାର୍ଯ୍ୟକ୍ରମକୁ ଲୋକସମ୍ପର୍କ ବିଭାଗ କର୍ମଚାରୀ ପୀତବାସ ବିଶ୍ୱାଳ, ଡମ୍ବରୁଧର ପଣ୍ଡା ଓ ଅନ୍ୟମାନେ ପରିଚାଳନା କରିଥିଲେ। ସେହିଭଳି ଜିଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, କଲେଜରେ ମଧ୍ୟ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ ପୂର୍ବକ ବିଶ୍ୱ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ସମାରୋହ ପାଳନ କରାଯାଇଥିଲା।

ରାୟଗଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ବିଶ୍ୱ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମରେ ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁଦୃଢ଼ୀକରଣ ଆଗାମୀ ପିଢ଼ିଙ୍କ ପାଇଁ ଏକ ଆହ୍ୱାନ ବୋଲି କହିଥିଲେ। ପ୍ରତ୍ୟେକ ଓଡ଼ିଆଙ୍କ ମାତୃଭାଷା ହେଉଛି ଓଡ଼ିଆ ଭାଷା। ତେଣୁ ମାତୃଭାଷାକୁ ସମ୍ମାନ ଦେବା ସହିତ ଏହାର ବହୁଳମାତ୍ରାରେ ବ୍ୟବହାର, ପଠନ ଓ ଅଭ୍ୟାସ ଜାରି ରଖିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ କୁଲେସିକା, ସନ୍ଧ୍ୟା ପୁଲାକା, ପଦ୍ମାବତୀ ମାଣ୍ଡାଙ୍ଗି ଓ ଅନ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ଶିକ୍ଷାବିତ୍‌ମାନଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସମ୍ମିଳନୀ କକ୍ଷ ପରିସରରେ ଓଡ଼ିଆ ଭାଷାକୁ ଋଦ୍ଧିମନ୍ତ କରିଥିବା ମହାମନୀଷୀଙ୍କ ଫଟୋ ଗ୍ୟାଲେରି ଓ ଓଡ଼ିଆ ପୁସ୍ତକ ଉନ୍ମୋଚନ କରାଯାଇଥିଲା।

# ଓଡ଼ିଶାର ଅତୀତ, ବର୍ତ୍ତମାନ ଭବିଷ୍ୟତ ସମ୍ପର୍କରେ ଆଲୋଚନା

ମୁନିଗୁଡ଼ା, ୩।୨ (ରାଧେଶ୍ୟାମ ଅଗ୍ରୱାଲ)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଶନିବାର ଆରମ୍ଭ ହୋଇଛି। ଏହି ଉପଲକ୍ଷେ ମୁନିଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡ଼ୁକା, ବିଡିଓ ପ୍ରିତମ କୁମାର ତନ୍ତୀ, ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଜଗନ୍ନାଥ ନୁଣ୍ଡ଼ୁକା ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀ, ଶିକ୍ଷକ, ସରକାରୀ କର୍ମଚାରୀ, ଖବରଦାତା ସହର ପରିକ୍ରମା କରିଥିଲେ। ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଛି। ଗୋଷ୍ଠୀ ସାଧନ କେନ୍ଦ୍ରରେ 'ଭାଷା ଅତୀତର ଅସ୍ତିତ୍ୱ, ଭାଷାହିଁ ଭବିଷ୍ୟତ' ସମ୍ପର୍କରେ ଆଲୋଚନା କରାଯାଇଛି। ମୁନିଗୁଡ଼ା ସାହିତ୍ୟ ସଂସଦ ସମ୍ପାଦକ ଉତ୍ତମ କୁମାର ଦାସଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଥିଲେ। ଅତିଥିମାନେ ଓଡ଼ିଶାର ଗୌରବମୟ ଅତିତ, ପରିବର୍ତ୍ତନଶୀଳ ବର୍ତ୍ତମାନ ଓ ପ୍ରେରଣାଦାୟୀ ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ଓଡ଼ିଆ ଭାଷା ଓ ଲିପିର ଉତ୍ପତ୍ତି, ବିବର୍ତ୍ତନ, ପ୍ରାଚୀନ ପ୍ରସ୍ତର ଅଭିଲେଖ, ତାମ୍ର ଫଳକ, ତାଳପତ୍ର ପୋଥୀ, କଳିଙ୍ଗ ସ୍ଥାପତ୍ୟ, ନୌବାଣିଜ୍ୟ ଆଦିର ପ୍ରମାଣ ଏହାର ପ୍ରାଚୀନତାର ମୁକ ସାକ୍ଷୀ ବୋଲି କହିଥିଲେ। ସାହିତ୍ୟିକ ଗୌରାଙ୍ଗ ରାଉତ, ଲେଖକ ସୁଧାକର ପାତ୍ର, ସ୍ତମ୍ଭକାର ମନୋରଞ୍ଜନ ଦଳାଇ, କବି ହୃଷୀକେଶ ଜାଲି, ଉତ୍ତମ ଦାସ, ଅଜିତ ମହାରଣା, କୃଷ୍ଣଚନ୍ଦ୍ର ମଲ୍ଲିକ, ପ୍ରମୋଦ ଦାସ, ସୁବାସ କୁରା ଓ କବୟିତ୍ରୀ ନନ୍ଦିନୀ ଦାଶଙ୍କୁ ସମ୍ମାନିତ କରାଯାଇଛି। ସମ୍ମିଳନୀରେ ଅଂଶଗ୍ରହଣ କରିଥିବା କଳାକାର, ସଙ୍ଗୀତକାର ଓ ଓଡ଼ିଆ ଭାଷା ଉପରେ ବକ୍ତବ୍ୟ ରଖିଥିବା



ଆଦି କରାଯାଇଛି। ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଚଳଚ୍ଚିତ୍ର ନିର୍ଦ୍ଦେଶକ, କଳାକାର ସାଧୁ ମେହେରଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବିଡିଓ ପ୍ରୀତମ କୁମାର ତନ୍ତୀ, ସାହିତ୍ୟିକ ଗୌରାଙ୍ଗ ଚରଣ ରାଉତ, ସାହିତ୍ୟ ସଂସଦ ସଭାପତି ହୃଷୀକେଶ ଜାଲି, ସ୍ତମ୍ଭକାର ମନୋରଞ୍ଜନ ଦଳାଇ, କବୟିତ୍ରୀ ନନ୍ଦିନ ଦାସ, କବି ପ୍ରମୋଦ ଦାସ, ସୁବାସ କୁରା, ଅଜିତ ମହାରଣା ପ୍ରମୁଖ ଉପସ୍ଥିତ ବିଦ୍ୟାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମିଳନୀ କକ୍ଷରେ ସ୍ଥାନୀୟ ଲେଖକଙ୍କ ପ୍ରକାଶିତ ପୁସ୍ତକକୁ ନେଇ ପୁସ୍ତକ ମେଳା ଆୟୋଜିତ ହୋଇଥିଲା। ଗୋଷ୍ଠୀ କଲ୍ୟାଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ବ୍ଲକ କର୍ମଚାରୀ ଜିତେନ୍ଦ୍ର ଧର, କିରାଣୀ ସତ୍ୟାନନ୍ଦ ବେହେରା, କଳ୍ପନା ସାହୁ, ପୁଷ୍ପଲତା ପାଣିଗ୍ରାହୀ, ରୂପବତୀ ନାଲା ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# ଜେକେ ପେପରମିଲ୍ କର୍ମଚାରୀ ଗାଇଲେ ବନ୍ଦେ ଉତ୍କଳୀ ଜନନୀ



ଜେକେପୁର, ୩।୨ (ନିଧି ଗାଣ୍ଡେଚା)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦଘାଟନୀ ଅବସରରେ ଜେକେ ପେପରମିଲ କର୍ମକର୍ତ୍ତାଙ୍କ ଦ୍ୱାରା କମ୍ପାନୀ ପରିସରରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜେକେ ପେପରମିଲର କାର୍ଯ୍ୟନିର୍ବାହୀ ଅଧିକାରୀ ବିନୟ ଦ୍ୱିବେଦୀ ଉପସ୍ଥିତ ରହି ଓଡ଼ିଆ ଭାଷା ସାହିତ୍ୟର ଅସ୍ତିତ୍ୱ ତଥା ଭାଷା ହିଁ ଭବିଷ୍ୟତ ଉପରେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ କମ୍ପାନୀ କର୍ମଚାରୀ ଉପସ୍ଥିତ ଥିଲେ।

# ସହରର ବିକାଶ ନେଇ ଜିଲାପାଳଙ୍କ ସହ ଆଲୋଚନା

ରାୟଗଡ଼ା, ୩।୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ପ୍ରେସ କ୍ଲବ ସଦସ୍ୟମାନେ ଶନିବାର ନୂତନ ଜିଲାପାଳ ମନୋଜ ସତ୍ୟୱାନ ମହାଜନ ଓ ଏସ୍‌ପି ହରିଶ ବି.ସି.ଙ୍କୁ ଭେଟି ସ୍ୱାଗତ ଜଣାଇବା ସହ ସହରର ବିଭିନ୍ନ ସମସ୍ୟା ନେଇ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ପ୍ରେସ କ୍ଲବ ସଭାପତି ଯୋଗେଶ୍ୱର ଦାସ, ଉପସଭାପତି ସି.ଏଚ୍. ଶ୍ରୀନିବାସ ରାଓ, ସମ୍ପାଦକ ରଞ୍ଜନ ରଥଙ୍କ ନେତୃତ୍ୱରେ ପ୍ରେସ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ଏହି ଦାବି ପତ୍ର ପ୍ରଦାନ କରିଥିଲେ। ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଆନୁଷ୍ଠାନିକ ଭାବେ ୩୦୦ ଶଯ୍ୟାକୁ କାର୍ଯ୍ୟକ୍ଷମ କରିବା, ଜେଏସକୋ ଠାରୁ ଉଚ୍ଛେଦ ହୋଇ ସରକାରୀ ଖାତାକୁ ଫେରିଥିବା ଜମିରେ ମେଡ଼ିକାଲ କଲେଜ ସ୍ଥାପନ, ସହରର ବିଭିନ୍ନ ସ୍ଥାନରେ ଖାଲି ପଡ଼ି ରହିଥିବା ଅବ୍ୟବହୃତ ସରକାରୀ ବାସଗୃହର ପୁନରୁଦ୍ଧାର, ଜିଆଇଏସିଆର କଲେଜ ନିକଟରେ ଥିବା ସରକାରୀ ଜାଗାରେ ଆଉ ଏକ ଖେଳ ପଡ଼ିଆ, ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାର ନିର୍ମାଣ, ବସଷ୍ଟାଣ୍ଡର ଉନ୍ନତିକରଣ ଓ ଅନ୍ୟାନ୍ୟ ଦାବି ଉଲେଖ ରହିଛି। ଏହି ଦାବିଗୁଡ଼ିକ ବିଷୟରେ ଜିଲାପାଳ ଖବରଦାତାଙ୍କ ସହ ଆଲୋଚନା କରିଥିଲେ। ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।



ମଝିଘରିଆଣି ମନ୍ଦିର ପାଇଁ ମୁଖ୍ୟମନ୍ତ୍ରୀ ୯କୋଟି ଟଙ୍କା ଅନୁଦାନ ଦେଇଥିବାରୁ କ୍ଲବ ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଭାଷା, ସଂସ୍କୃତି ସମ୍ପର୍କରେ ଆଲୋଚନା



ବରପୁତ୍ରମାନଙ୍କ ଫଟୋ ଧରି ଶୋଭାଯାତ୍ରାରେ ବାହାରିଥିବା ଛାତ୍ରୀଛାତ୍ର।

ଚନ୍ଦ୍ରପୁର, ୩।୨ (ବିଜୟ ପ୍ରସାଦ ଉଲ୍ଲାକା)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ହନୁମନ୍ତପୁର ପଞ୍ଚାୟତର ହକୁଶପଙ୍ଗା, ଗ୍ରାମରେ ଥିବା ଏସଏସଡି ଆଶ୍ରମ ବିଦ୍ୟାଳୟ ପରିସରରେ ଶନିବାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ, ଉର୍ମିଳା ପିପଲି ପରିଚାଳନା କରିଥିଲେ। ପ୍ରଥମେ ଉତ୍କଳ ଗୌରବ ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ବିଜୁ ପଟ୍ଟନାୟକ, ସୁବାସ ଚନ୍ଦ୍ର ବୋଷ ପ୍ରମୁଖ ଓଡ଼ିଶାର ବରପୁତ୍ରଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ସମ୍ପର୍କରେ ଆଲୋଚନା ହୋଇଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ବରପୁତ୍ରମାନଙ୍କ ଫଟୋ ଧରି ସହର ପରିକ୍ରମା କରିଥିଲେ। ବିଭିନ୍ନ ପ୍ରତିଯୋଗିତା କରାଯାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ଗୋପାଳ କାଡ୍ରାକା, କ୍ଷମାନିଧି ପୁଟା, ଜୟନ୍ତ, ପିପଲିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି



ଅତିଥିଙ୍କ ଗହଣରେ ସମ୍ମାନିତ ପ୍ରତିଭା।

ବିଷମକଟକ, ୩।୨ (ବିଭୂତି ଭୂଷଣ ନାୟକ)

ବିଶ୍ୱ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଘାଟନ ଅବସରରେ ଶନିବାର ବିଷମ କଟକ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ବରପୁତ୍ରମାନଙ୍କ ପ୍ରତମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାକ, ବିଡିଓ ସଦାଶିବ ନାୟକ ଏବଂ ସମସ୍ତ ଅଧିକାରୀ ପୁଷ୍ପମାଲ୍ୟ ଅର୍ପଣ କରି ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ କର୍ମଚାରୀମାନେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ଏଥିସହ ବ୍ଲକର ସମସ୍ତ ସ୍କୁଲ, କଲେଜ, ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ବନ୍ଦେ ଉତ୍କଳ ଜନନୀ ଗାନ ସଙ୍ଗୀତ କରାଯାଇଥିଲା। ଏହି ଅବସରରେ ବ୍ଲକ ପ୍ରଶାସନ ପକ୍ଷରୁ ବିଶିଷ୍ଟ ସାହିତିକ ତଥା ଗବେଷକ ରଙ୍ଗନାୟକ, ରଘୁନାଥ ଡାକୁଆ, ଚନ୍ଦ୍ରଧ୍ୱଜ କୁମାର ଓ ଅବସରପ୍ରାପ୍ତ ଶିକ୍ଷକ ରାଧାକାନ୍ତ ପାଢୀ, ନାଟ୍ୟକାର ନନ୍ଦ ଗୌଡଙ୍କୁ ସମ୍ମାନିତ କରାଯାଇଥିଲା।

# ବାଇକ୍‌ରୁ ଖସି ଯୁବକ ମୃତ

ଚନ୍ଦ୍ରପୁର, ୩।୨ (ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ସଦର ପଞ୍ଚାୟତ ଅଧୀନ ମୁନାରଗାଁ ଗ୍ରାମର ଚିତ୍ତରଞ୍ଜନ ଲିମା (୪୬)ଙ୍କ ଶନିବାର ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଚିତ୍ତରଞ୍ଜନ ମୁନିଗୁଡା ଯାଇ ବାଇକ ଯୋଗେ ଗାଁକୁ ଫେରୁଥିଲେ। ଏହି ସମୟରେ ଡଙ୍ଗସୋରଡ଼ା ପଞ୍ଚାୟତ ଅଧୀନ କୁଟୁଙ୍ଗୁକୁପା ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ବାଇକ୍‌ରୁ ଖସି ପଡ଼ିଥିଲେ। ସେ ଅଚେତ ହୋଇ ପଡ଼ିଥିବା ଖବରପାଇ ଚନ୍ଦ୍ରପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ପୋଲିସ ଚିତ୍ତରଞ୍ଜନଙ୍କୁ ଉଦ୍ଧାର କରି ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଆମ ସଂସ୍କୃତି ସହ ସାମାଜିକ ଜୀବନରେ ଜଡ଼ିତ ଓଡ଼ିଆ ସାହିତ୍ୟ

ଗୁଣୁପୁର, ୩।୨ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁରର ବିଭିନ୍ନ ସ୍ଥାନରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଶନିବାର ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ଉପ ଜିଲାପାଳ କିରଣଦୀପ କୌର ସହୋଟାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ କର୍ମଚାରୀମାନେ ମନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ଟାଉନ୍ ହଲ୍‌ଠାରେ ଗୁଣପୁର ପୌର ପରିଷଦ ପକ୍ଷରୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ଼, ଉପ ଜିଲାପାଳ କିରଣଦୀପ କୌର ସହୋଟା , ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଏବଂ କଣ୍ଠଶିଳ୍ପୀ ସିଦ୍ଧାର୍ଥ ଦାଶଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। କୁନି କୁନି ଶିଶୁମାନେ ଓଡିଶୀ, ଭଜନ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ସାହିତ୍ୟିକ ନରସିଂହ ପ୍ରସାଦ ଦାଶ ଓଡ଼ିଆ ସାହିତ୍ୟ ଓ ଆମ ସଂସ୍କୃତି ଉଭୟର ସାମାଜିକ ଜୀବନ ସହ କିପରି ଅଙ୍ଗାଙ୍ଗୀ ଭାବରେ ଜଡିତ ତାହା ଦର୍ଶାଇ ଥିଲେ। ଏହି ଅବସରରେ କବିତା ଆସରର ଆୟୋଜନ ହୋଇଥିଲା। କବି ନରସିଂହ ପଟ୍ଟନାୟକ, ସଂଯୁକ୍ତା ତ୍ରିପାଠୀ, ରଜନୀରାଣୀ ମିଶ୍ର ଓ ବାଣୀଶ୍ରୀ ମହିଳା ସଂଘ ର ସଭାପତି କବିତା ପାଠ କରିଥିଲେ। ଗୁଣପୁର ମାଟିର ଗର୍ବ ଓ ଗୌରବ ଭାବେ ପରିଚିତ କବି କାଳୀ କିଙ୍କର ମିଶ୍ର, ଶିକ୍ଷାବିତ୍ ନରସିଂହ ଦାଶ, ଲେଖକ ପ୍ରତାପ ରାୟ, କବୟିତ୍ରୀ ବେବିରାଣୀ ନନ୍ଦ , ଯୁବ ସଂଯୋଜିକା ଶ୍ରାବଣୀ ରଥ ଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଗୁଣପୁର ବ୍ଲକ ଅଫିସଠାରେ ମଧ୍ୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଳନ ହୋଇଥିଲା। ବିଧାୟକ ରଘୁନାଥ ଗମାଙ୍ଗ, ବ୍ଲକ ଅଧ୍ୟକ୍ଷା ଝିଲି ଶବର, ବିଡିଓ ଶୁଭାଞ୍ଜଳି ଉପସ୍ଥିତ ଥିଲେ।



ଜଣେ ସାହିତ୍ୟିକଙ୍କୁ ସମ୍ମାନୀତ କରାଯାଉଛି।

## ଓଡ଼ିଆ ଭାଷା ସମ୍ମିଳନୀ

# ଫେଲ୍ ମାରିଲା ଏସ୍‌ଡିସି ଯୋଜନା

- ଜିଲାସ୍ତରୀୟ ଜନଜାତି ମହୋତ୍ସବ
- ମଞ୍ଚ, ଦର୍ଶକ ଗ୍ୟାଲେରି ଖାଲି
- ଅର୍ଥ ବାଟମାରଣା ଅଭିଯୋଗ କଲେ ବିରୋଧୀ

ରାୟଗଡ଼ା, ୩।୨ (ଆଶିଷ ରଞ୍ଜନ ପଣ୍ଡା)

ଜିସିଡ଼ି ପଡ଼ିଆରେ ଗୁରୁବାରଠାରୁ ଆରମ୍ଭ ୩ ଦିନିଆ ଜିଲାସ୍ତରୀୟ ଜନଜାତି ମହୋତ୍ସବ ଆୟୋଜିତ ହୋଇଛି। ତେବେ ଏହା ଧର୍ମକୁ ଆଖିଠାର ଭଳି ନାମକୁ ମାତ୍ର କାର୍ଯ୍ୟକ୍ରମ ପାଳଟିଛି। ବିନା ଦର୍ଶକରେ କାର୍ଯ୍ୟକ୍ରମ ଚାଲିଥିଲା। ପ୍ରଚାରପ୍ରସାର ଅଭାବରୁ ଦର୍ଶକଙ୍କ ହେଉନଥିବା ସାଧାରଣରେ ଅଭିଯୋଗ ହୋଇଛି। କାର୍ଯ୍ୟକ୍ରମର ପ୍ରଥମ ଦିନରେ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମନ୍ତ୍ରୀ ହେମ୍ବ୍ରମ୍ ଭାଷଣ ଦେଇ କାର୍ଯ୍ୟକ୍ରମ ଅଧାରୁ ଚାଲିଯିବା ପରେ ମଞ୍ଚ ଶୁନଶାନ୍ ହୋଇ ଯାଇଥିଲା। ହଟହଟା ହୋଇଥିଲେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝି। ମଞ୍ଚରେ ପ୍ରଦୀପଙ୍କୁ ଏକା ଛାଡ଼ି ଦେଇ ସମସ୍ତେ ଚାଲି ଯାଇଥିଲେ। ମନ୍ତ୍ରୀ ହେମ୍ବ୍ରମ୍‌ଙ୍କୁ ହେଲିପ୍ୟାଡ଼ ନିକଟକୁ ବିଦାୟ ଦେବା ପାଇଁ। ଫଳରେ କାର୍ଯ୍ୟକ୍ରମ ଶେଷରେ ପ୍ରଦୀପ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ଜିଲାର ଜନଜାତି କଳା, ସଂସ୍କୃତି ଓ ପରମ୍ପରା ପ୍ରୋତ୍ସାହନ ନିମନ୍ତେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଜନଜାତି ମହୋତ୍ସବ ୩ ଦିନଧରି ଚାଲିଥିଲା। ହେଲେ ଆୟୋଜକଙ୍କ ଦୂରଦୃଷ୍ଟି ଅଭାବରୁ ହାତଗଣତି ଲୋକ ଏଥିରେ ଯୋଗଦାନ କରିଥିଲେ। ଏଭଳିକି ଯେଉଁ ଜନଜାତି ପାଇଁ ଏହାର ଆୟୋଜନ ହୋଇଛି ସେମାନେ ମଧ୍ୟ ସାମିଲ ହୋଇନାହାନ୍ତି। ଫଳରେ ସରକାର ଯେଉଁ ମହତ ଉଦ୍ଦେଶ୍ୟ ରଖି ଏହାର ଆୟୋଜନ ଏସ୍‌ଡିସି ଜରିଆରେ କରିଥିଲେ ତାହା ଫେଲ୍ ମାରିଛି। ଏସ୍‌ଡିସି ନେତୃତ୍ୱ କେବଳ ନିଜର ଆତ୍ମପ୍ରଚାର ପ୍ରତି ଅଧିକ ଫୋକସ କରିବାରୁ ଜନଜାତି ମହୋତ୍ସବ ବହୁ ଆଡ଼ମ୍ବରେ ଲଘୁକ୍ରିୟା ପାଳଟିଥିବା ଅଭିଯୋଗ ହୋଇଛି। ଉଦ୍‌ଘାଟନ ଦିବସରେ ଯେତେବେଳେ ଏସ୍‌ଡିସି ଉପଦେଷ୍ଟା ପ୍ରଦୀପ ମାଝି ଭାଷଣ ଦେବାକୁ ଆସିଥିଲେ ତାଙ୍କ ଭାଷଣ ଶୁଣିବାକୁ ମଞ୍ଚ ଉପରେ ଅନ୍ୟ ଅତିଥି ଥିଲେ ନା ତଳେ ଦର୍ଶକ ରହିଥିଲେ, ମଞ୍ଚ ଓ ଦର୍ଶକ ଗ୍ୟାଲେରୀ ଖାଲି ପଡ଼ିଥିଲା। କେବଳ ତାହା ନୁହେଁ ଆଦିବାସୀଙ୍କ ସାମଗ୍ରୀ ପ୍ରଦର୍ଶନ କରିବା ନିମନ୍ତେ ଆୟୋଜନ ଷ୍ଟଲ୍ ଗୁଡ଼ିକ ମଧ୍ୟ ପୁରା ଖାଲି। ଫଳରେ ଏହି ଆୟୋଜନ କାହିଁକି ବୋଲି ଖୋଦ୍ କିଛି ଲୋକ ପ୍ରତିନିଧି ପ୍ରଶ୍ନ କରିଛନ୍ତି। ଏଭଳିକି ଏହାର ଆୟୋଜନ କରି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ନାଁରେ ବ୍ୟାପକ ଅର୍ଥ ହେରଫେର କରାଯାଇଛି ବୋଲି କଂଗ୍ରେସ ଓ ଭାଜପା ଅଭିଯୋଗ କରିଛନ୍ତି। ଯେଉଁମାନେ ଏସ୍‌ଡିସି ଦାୟିତ୍ୱରେ ଅଛନ୍ତି ସେମାନେ କାର୍ଯ୍ୟକ୍ରମ ଚିଠି ପାଇବା ପରେ ନିଜର ପିସି ଫିକ୍ସ କରି ନେଇଛନ୍ତି ବୋଲି ବିରୋଧୀଦଳ ତରଫରୁ କୁହାଯାଇଛି। ଏହି ଅନିୟମିତତା ନେଇ ପିସିସି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା ରାଜ୍ୟ ସରକାରଙ୍କୁ ଟଇଟ୍ କରିଛନ୍ତି। ଏଭଳି କାର୍ଯ୍ୟକ୍ରମରେ ରଖାଯାଇଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହକୁ ମଧ୍ୟ ସବୁଜ ରଙ୍ଗ ମାରି ବିଜେଡ଼ିର ପ୍ରଚାର ପ୍ରସାରରେ ବ୍ୟବହାର କରାଯାଉଛି ବୋଲି ପିସିସି ସାଧାରଣ ସମ୍ପାଦକ ପଣ୍ଡା ଅଭିଯୋଗ କରିଛନ୍ତି।

ସେ କହିଛନ୍ତି, ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସବୁଜ ରଙ୍ଗ ମାର ବିନା ବସ୍ତ୍ରରେ ମଞ୍ଚଉପରେ ରଖାଇ ଅପମାନିତ କରାଯାଇଛି। ଏହା ବିରୋଧରେ କଂଗ୍ରେସ ପକ୍ଷରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦୁର୍ଗା କହିଛନ୍ତି। ତେବେ ଏ ସମ୍ପର୍କରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝିଙ୍କୁ ପଚାରିବାରୁ କହିଛନ୍ତି, ମୁଁ ତାହାର ସମ୍ମୁଖୀନ ହେଲି। ଆଉ ମୁଁ କଣ କହିବି ବୋଲି କହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ।

## ସଂକ୍ଷେପରେ

ଓଲଟିଲା ବାଲି ବୋଝେଇ ହାଇୱା

### ବାଲିରେ ପୋତି ହୋଇଗଲା କାର୍

ଜୟପୁର, ୩।୨ (ପବନ ପାଣିଗ୍ରାହୀ)

ଜୟପୁର-କୋରାପୁଟ ଜାତୀୟ ରାଜପଥର ବାରିଣୀପୁଟ ଗ୍ରାମ ନିକଟସ୍ଥ ବୁଲାଣି ମୋଡ଼ରେ ଶନିବାର ବାଲି ଧରି ଯାଉଥିବା ଏକ ହାଇୱା ଓଲଟି ପଡ଼ିଥିଲା। ଫଳରେ ସେଠାରେ ପୂର୍ବରୁ ଛିଡ଼ାହୋଇଥିବା ଏକ କାର ଉପରେ ହାଇୱା ( ଓଡି୧୦ଏସ୍ ୪୦୬୦)ର ସବୁ ବାଲି ଅଜାଡି ହୋଇପଡିବାରୁ କାର (ଓଡି୧୦ପି-୧୩୧୩)ଟି ବାଲିରେ ସମ୍ପୂର୍ଣ୍ଣ ପୋତି ହୋଇଯାଇଥିଲା। କାର ଡ୍ରାଇଭର ଭିତରେ ରହିଯାଇଥିଲେ। ଉପସ୍ଥିତ ଲୋକେ କାରର କବାଟ ଭାଙ୍ଗି ତାଙ୍କୁ ବାହାରକୁ ବାହାରକରି ସ୍ଥାନୀୟ ଉଷା ହସ୍ପିଟାଲକୁ ନେଇଥିଲେ। ସେଠାରେ କାର୍ ଚାଳକ ଏବେ ଚିକିତ୍ସିତ ହେଉଥିବା ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି। ଘଟଣା ପରେ ହାଇୱା ଚାଳକ ଫେରାର ହୋଇଯାଇଛନ୍ତି। ସୂଚନାଯୋଗ୍ୟ, କାର୍‌ଟି ଜୟପୁରରୁ କୋରାପୁଟ ଅଭିମୂଖେ ଯାଉଥିଲା।

### ୭ଘଣ୍ଟା ବନ୍ଦ ରହିଲା ବିଦ୍ୟୁତ୍ ସରବରାହ

ଜୟପୁର, ୩।୨ (ପବନ ପାଣିଗ୍ରାହୀ)

ଜୟପୁରରେ ଶନିବାର ବିଦ୍ୟୁତ୍ ସରବରାହ ୭ଘଣ୍ଟା ବନ୍ଦ ରହିଥିଲା। ସହର ମୁଖ୍ୟ ରାସ୍ତା, ଜୟନଗର, ନୁଆସାହି ଅଞ୍ଚଳରେ ସକାଳ ୯ଟାରୁ ଅପରାହ୍ନ ୪ଟା ଯାଏ ଏହି ବିଦ୍ୟୁତ ସରବରାହ ବନ୍ଦ ଥିଲା। ବାର୍ଷିକ ମରାମତି କାର୍ଯ୍ୟ ପାଇଁ ବିଦ୍ୟୁତ୍ ବନ୍ଦ କରାଯାଇଥିବା ଟାଟା ପାୱାର ପକ୍ଷରୁ ଲୋକଙ୍କୁ ଅବଗତ କରାଯାଇଥିଲା।

### ମାଲୁ ସାଉନ୍ତା ସରକାରୀ ଉଚ୍ଚ ବିଦ୍ୟାଳୟ ଶ୍ରେଷ୍ଠ

ଦାମନଯୋଡ଼ି,୩।୨ନରସିଂହ ବ୍ରହ୍ମା)

କୋରାପୁଟ ବ୍ଲକ ମାଥାଲପୁଟ ପଞ୍ଚାୟତର ମାଲୁ ସାଉନ୍ତା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପୁରସ୍କୃତ ହୋଇଛି। ଏହାର ପରିଚାଳନା ସମିତି ମଧ୍ୟ ଶ୍ରେଷ୍ଠ ପରିଚାଳନା ସମିତି ପୁରସ୍କାର ପାଇଛି। ସେହିଭଳି ଏହି ସ୍କୁଲର ପ୍ରଧାନ ଶିକ୍ଷକ ରଶ୍ମିରଞ୍ଜନ ସେଠୀଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପୁରସ୍କୃତ କରାଯାଇଛି। ଗତ ୩୧ରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ଉତ୍ସବରେ ପ୍ରଧାନ ଶିକ୍ଷକ ସେଠୀ ଓ ପରିଚାଳନା ସମିତି ସଭାପତି ମନୋଜ ଖୋସ୍‌ଲା ପୁରସ୍କାର ଗ୍ରହଣ କରିଥିଲେ। ଭୁବନେଶ୍ୱରରୁ ଫେରିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ମଧ୍ୟ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

### ବିଦ୍ୟାଳୟସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

ନନ୍ଦପୁର, ୩।୨ (ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ୨୩ ପଞ୍ଚାୟତରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନରେ ଶନିବାର ଭାଷା ସାହିତ୍ୟ ଓ ସୃଜନଶିଳତା ଉତ୍ସବ ପାଳନ ହୋଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରକଳା ପ୍ରଦର୍ଶନୀ, ଅଞ୍ଚଳର କିମ୍ବଦନ୍ତୀ ଓ ଐତିହାସିକ ସ୍ଥାନର ପ୍ରତିକୃତି ନିର୍ମାଣ, କବିତା ଓ ଗଳ୍ପ ଲିଖନ ଆଦି ପ୍ରତିଯୋଗିତା ହୋଇଥିଲା। ଏହି ପରିପ୍ରେକ୍ଷୀରେ ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୃଜନଶିଳତା କାର୍ଯ୍ୟକ୍ରମ କରାଯାଇଥିଲା। ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା, ବ୍ଲକ ସହକାରୀ ଶିକ୍ଷାଧିକାରୀ ଗୁରୁନାଥ ମାଝୀ, ମମତାଜ ଗୋମାଙ୍ଗ, ପ୍ରଧାନ ଶିକ୍ଷୟତ୍ରୀ ଗୀତାଞ୍ଜଳି ସେଠୀ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସବିତା ବେହେରା, ଆଲୁମିନି ବିମଳ ରାଓ ସ୍ମିଥ, ତୁଷାର କାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

### କିଶୋରୀ ସଚେତନତା ମେଳା

ଜୟପୁର, ୩।୨ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅଧୀନ ଧନପୁର ଓ ବଡଜିଉନା ପଞ୍ଚାୟତରେ କିଶୋରୀ ମେଳା ଅନୁଷ୍ଠିତ ହୋଇଛି। ମେଳାରେ ଏକ ଡାକ୍ତରୀ ଟିମ୍ ଦ୍ୱାରା କିଶୋରୀମାନଙ୍କ ହିମୋଗ୍ଲୋବିନ ପରୀକ୍ଷା ଓ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ସେମାନଙ୍କ ଓଜନ ଏବଂ ଉଚ୍ଚତା ମପାଯାଇଥିଲା। ୧୮ରୁ ୧୯ ବର୍ଷର କିଶୋରୀ ବାଳିକା,ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ପ୍ରଦାନ କରାଯାଉଥିବା ପୌଷ୍ଟିକ ଖାଦ୍ୟ ଉପରେ ଏହିଅବସରରେ ଗ୍ରାମବାସୀଙ୍କୁ ଅବଗତ କରାଯାଇଥିଲା। ସିଡିପିଓ ସୁଚିତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ସମ୍ପର୍କରେ କିଶୋରୀମାନଙ୍କୁ ସଚେତନ କରାଯାଇଥିଲା। ଆସନ୍ତା ୮ ତାରିଖ ଯାଏ ଏହି ମେଳା ହେବ ବୋଲି ସିଡିପିଓ ପଣ୍ଡା କହିଛନ୍ତି।

# ଓଡ଼ିଆ ଭାଷା ଆମ ପରିଚୟ

## ଜୟପୁରରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ

ଜୟପୁର/ପଟ୍ଟାଙ୍ଗି, ୩।୨ (ପବନ ପାଣିଗ୍ରାହୀ/ଶରତ ଧଳ)



ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ମଚାରୀମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରୁଛନ୍ତି।

କୋରାପୁଟ ଜିଲା ଜୟପୁରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଛି। ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଶ୍ୱ ଓଡିଆ ଭାଷା ସମ୍ମିଳନି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଠାରେ ଉପ ଜିଲାପାଳ ପ୍ରଭାତ ପରିଡାଙ୍କ ସହ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ସେହିପରି ଜୟପୁର ପୌର କାର୍ଯ୍ୟାଳୟରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ସହରରେ ଥିବା ଓଡିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଓ ଉପାଧ୍ୟକ୍ଷ ବି.ସୁନିତା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ପୌର କାର୍ଯ୍ୟାଳୟର ଭାଷା ସମ୍ପାଳନୀ କକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଉଦଘାଟନୀ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହୋଇଥିଲା। ଏଠାରେ ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସହ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ଓ ପୌର କର୍ମଚାରୀମାନେ ଉପସ୍ଥିତ ରହି ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ପୌର କାର୍ଯ୍ୟାଳୟରୁ ଏକ ରଥ ବାହାରି ସହର ପରିକ୍ରମା କରି ଓଡିଆ ଭାଷା ଉପରେ ଲୋକଙ୍କୁ ସଚେତନ କରିଥିଲା। ସେହିପରି ବ୍ଲକ କାର୍ଯ୍ୟାଳୟରେ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଛି। ଏଠାରେ ବିଡିଓ ଶକ୍ତି ମହାପାତ୍ର, ବ୍ଲକ ଅଧ୍ୟକ୍ଷା ତିଳୋତ୍ତମା ମୁଦୁଲି, ଏବିଡିଓ ମନୋଜ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କେ.ଏସ.ନିଶା, ଏପିଓ ମାନସ କରଙ୍କ ସହ ଜିଲା ପରିଷଦ ସଭ୍ୟା, ବ୍ଲକ କର୍ମଚାରୀମାନେ ଉପସ୍ଥିତ ରହି ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦଘାଟନୀ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହୋଇଥିଲା। ଏହି ଅବସରରେ ୧୨ ଜଣ ଲେଖିକା ଲେଖକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଓଡିଆ ବହି ପ୍ରଦର୍ଶନୀ ହୋଇଥିଲା।

ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ସାହିତ୍ୟିକମାନଙ୍କୁ ସମ୍ମାନିତ କରାଯାଇଛି। ସମ୍ମାନିତ ସାହିତ୍ୟିକମାନେ ହେଲେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରାମକୃଷ୍ଣ ସାମଲ, ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅମିୟ ସ୍ୱାଇଁ, ପଟ୍ଟାଙ୍ଗି ହାଇସ୍କୁଲ ଶିକ୍ଷକ ପ୍ରଫୁଲ୍ଲ ବେହେରା, ସାକିରାଇ ପିୟୁପିଏସ୍ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶରତ ଜେନା, ଚନ୍ଦକା ହାଇସ୍କୁଲର ରମାକାନ୍ତ ମାଝି, ପୁକାଲି ନୋଡାଲ ହାଇସ୍କୁଲ ଶିକ୍ଷକ ଜଗନ୍ନାଥ ସାହୁ, ସରିଗିଗୁଡା ଏନ୍‌ୟୁପିଏସ ବିଦ୍ୟାଳୟ ଶିକ୍ଷୟିତ୍ରୀ ଭାରତୀ କୁମାରୀ ଦାଶ, ଚମ୍ପାଖେଦା ବାଳିକା ହାଇସ୍କୁଲ ଶିକ୍ଷୟିତ୍ରୀ ପ୍ରତ୍ୟୁଷା ମହାନ୍ତି, ପୁକାଲି ହାଇସ୍କୁଲର ଶିବପ୍ରସାଦ ସାମଲ, ଅବସରପ୍ରାପ୍ତ ଶିକ୍ଷକ ଚୈତନ୍ୟ ପଡସୋଲି।

ଓଡିଆ ଭାଷାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମ କରି ଆରମ୍ଭ ହୋଇଛି ବିଶ୍ୱ ଓଡିଆ ଭାଷା ସମ୍ମିଳନୀ। ବିଡିଓ ସୁକାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ, ଜିଲା ପରିଷଦ ସଭ୍ୟ ଲଇଚନ ଖରା, ସରପଞ୍ଚ ଆଲମେ ଫୁଲ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଟି.ମିନତି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାକର ଖଟୁଆ ଓ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରାମକୃଷ୍ଣ ସାମଲ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ଭାଷା ଆମ ପରିଚୟ, ଓଡ଼ିଆ ଭାଷାର ଗୁରୁତ୍ୱ, ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଓଡ଼ିଆ ଭାଷାର ଭୂମିକା ଏବଂ ସରକାରୀ ସ୍ତରରେ ଓଡ଼ିଆ ଭାଷାର ସୂଚନା ଫଳକ ଓ ଚିଠି ଲେଖା ଆରମ୍ଭ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ଲକର ଉତ୍ତମ ବିଦ୍ୟାଳୟ ଭାବେ ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଥିବା ବ୍ଲକର ମାଳିପୁଟ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ସିଆର୍‌ସିସି ଏବଂ ଦେଓପଟ୍ଟାଙ୍ଗି ପଞ୍ଚାୟତ ଲିଙ୍ଗାମଗୁଡି ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ସ୍ୱାଇଁ ଉପସ୍ଥିତ ଥିଲେ। ଅତିଥିମାନେ ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ସ୍ୱାଇଁଙ୍କୁ ସମ୍ମାନିତ କରିଥିଲେ। ସେହିପରି ଅଞ୍ଚଳର କେତେଜଣ କଳାକାରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଜିପିଓ ଦିବାକର ପୁରୋହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

### ଲାଉଡି ଟିମ୍ ଚାମ୍ପିୟନ

ପଟ୍ଟାଙ୍ଗି,୩।୨(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ସୁଙ୍କି ପଞ୍ଚାୟତରେ ସପ୍ତାହେ ଧରି ଚାଲିଥିବା ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସୁଙ୍କି, ପେଟୁରୁ , ଅମ୍ପାବାଲି ଓ ତଳଗୋଲୁର ୪ଟି ପଞ୍ଚାୟତର ୧୬ଟି ଟିମ୍ ଏଥିରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସରେ ଲାଉଡି ଟିମ୍ ସହ ମେଟାକାନ୍ଦିଲି ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ମାଁ ଭୈରବୀ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ପକ୍ଷରୁ ଆୟୋଜିତ ଏହି ମ୍ୟାଚରେ ମେଟାକାନ୍ଦିଲିକୁ ହରାଇ ଲାଉଡି ଟିମ୍ ଚାମ୍ପିୟନ ହୋଇଥିଲା। ପ୍ରଥମ ପର୍ଯ୍ୟାୟର ୪୦ମିନିଟ୍‌ରେ ଖେଳି ଲାଉଡି ଟିମ୍ ୮ ପଏଣ୍ଟ ହାସଲ କରିଥିବା ବେଳେ ମେଟାକାନ୍ଦିଲି ୪ ପଏଣ୍ଟ ହାସଲ କରିଥିଲା। ପରେ ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ ଆରମ୍ଭ ହୋଇଥିଲା। ଏଥିରେ ଲାଉଡି ଟିମ୍ ୧୬ ପଏଣ୍ଟ ହାସଲ କରି ଚାମ୍ପିୟନ ଘୋଷିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଖିଲ କାର୍ତ୍ତିକ ଯୋଗଦେଇ ଚାମ୍ପିୟନ ଟିମ୍ ଲାଉଡିକୁ ପୁରସ୍କୃତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜୋନ୍-୨ ଜିଲା ପରିଷଦ ସଭ୍ୟ ଲଇଚନ ଖରା , ବ୍ଲକ କଂଗ୍ରେସ କମିଟି ସଭାପତି ଅର୍ଜୁନ ବାଙ୍କା, ସୁଙ୍କି ସରପଞ୍ଚ ପାନ୍ଦି କୁମାରୀ, ସମିତି ସଭ୍ୟ ସୁଲି ଆପାରାଓ, ୱାର୍ଡସଭ୍ୟା ସିଏଚ୍ ରାଣୀ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟକୁ ସଭାପତି ଏସ୍.ବୁମା, ପରିଚାଳକ ଗୁପ୍ତ ଶଙ୍କର ପଟ୍ଟନାୟକ, ରେଫରି ପ୍ରସାଦ ନନ୍ଦା ପରିଚାଳନା କରିଥିଲେ। ଭିକାରୀ ବେହେରା, ପ୍ରସାଦ ପଟ୍ଟନାୟକ, ବଡା ପ୍ରସାଦ, ଏନ୍. ରବି, ଚନ୍ଦ୍ରଶେଖର, ଏନ୍‌ଭି ପ୍ରଭାକରନ୍‌ଙ୍କ ସମେତ ଅନ୍ୟମାନେ ସହାଯୋଗ କରିଥିଲେ।

## ଛାତ୍ରୀନିବାସ ଭିତ୍ତିପ୍ରସ୍ତର ସ୍ଥାପନକଲେ ବିଧାୟକ

ପଟ୍ଟାଙ୍ଗି,୩।୨(ଶରତ ଧଳ)


ବିଧାୟକ ପୀତମ ପାଢ଼ୀ ଛାତ୍ରୀନିବାସ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ଗ୍ରାମାଞ୍ଚଳରୁ ଉଚ୍ଚଶିକ୍ଷା ପାଇଁ ଆସୁଥିବା ଛାତ୍ରୀଛାତ୍ରଙ୍କ ଲାଗି ଗାଙ୍ଗେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଛାତ୍ରୀନିବାସ ନିର୍ମାଣ ପାଇଁ ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଛାତ୍ରୀନିବାସ ନ ଥିବାରୁ ଛାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହିମହାବିଦ୍ୟାଳୟରେ ସ୍ଥାନୀୟ ବ୍ଲକ ସହ ଅନ୍ୟ ବ୍ଲକର ଛାତ୍ରୀଛାତ୍ର ଆସି ପାଠ ପଢୁଛନ୍ତି। ରହିବା ପାଇଁ ଛାତ୍ରୀନିବାସ ନ ଥିବା ହେତୁ ଛାତ୍ରୀମାନେ ଯାତାୟାତ କରି ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଠିକ୍ ସମୟରେ ମହାବିଦ୍ୟାଳୟରେ ପହଞ୍ଚିପାରୁ ନ ଥିଲେ। ଏହି ସମସ୍ୟା ସମ୍ପର୍କରେ ଛାତ୍ରୀମାନେ ଅନେକ ଥର ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ତେବେ ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଏହାକୁ ଦୃଷ୍ଟିରେ ରଖି ବିଧାୟକ ପୀତମ ପାଢ଼ୀ ଛାତ୍ରୀନିବାସ ନିର୍ମାଣ ନେଇ ଗୁରୁତ୍ୱ ଦେଇଛନ୍ତି। ଶନିବାର ସେ ମହାବିଦ୍ୟାଳୟରେ ପହଞ୍ଚି ଛାତ୍ରୀନିବାସ ନିର୍ମାଣ ଲାଗି ଭୂମିପୂଜା କରିଛନ୍ତି। ସୂଚନାଯୋଗ୍ୟ, ପଟ୍ଟାଙ୍ଗି ବ୍ଲକର ଅଧିକାଂଶ ପଞ୍ଚାୟତ ବ୍ଲକ ସଦର ମହକୁମାଠାରୁ ବହୁ ଦୂର ଓ ପାହାଡ଼ିଆ ଅଞ୍ଚଳରେ ରହିଛି। ବ୍ଲକରେ ଗୋଟିଏ ମାତ୍ର ଡିଗ୍ରୀ କଲେଜ ଥିଲେ ମଧ୍ୟ ସେଠାରେ ଛାତ୍ରୀଛାତ୍ରଙ୍କ ରହିବା ପାଇଁ ଛାତ୍ରାବାସ କି ଛାତ୍ରୀନିବାସ ସୁବିଧା ନାହିଁ। ୮୦ପ୍ରତିଶତ ଛାତ୍ରୀଛାତ୍ର ପ୍ରତ୍ୟହ ଯାତାୟାତ କରି ପାଠ ପଢିଥାନ୍ତି। ରାଜ୍ୟ ସରକାର ଛାତ୍ରୀନିବାସ ନିର୍ମାଣ ନିମନ୍ତେ ଅନୁଦାନ ଦେଇଛନ୍ତି। ଏହାର ଭୂମିପୂଜନ କାର୍ଯ୍ୟ ଶେଷ ହୋଇଛି। ଖୁବ୍ ଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲିବିଧାୟକ ପାଢୀ କହିଛନ୍ତି। ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବିନାରାୟଣ ସୂତାର, ଅଧ୍ୟକ୍ଷ ଜନ୍ମେଶ୍ୱର ସାହୁ, ଅଧ୍ୟାପକ ଅଶୋକ ପରିଡା, ଅମିୟ ସ୍ୱାଇଁ, ଜେମସ୍ ପ୍ରକ୍ଲିନ ଖୁରା, ଅଧ୍ୟାପିକା ସରିତା ସାହୁ, ଝିଲିରାଣୀ ସାମନ୍ତରାୟ, ଅବନୀ ମହାରଣାଙ୍କ ସହ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ।

## ଉଦ୍‌ଘଟନୀ ମ୍ୟାଚରେ ମ୍ୟାକ୍ସିମ ଇଲେଭେନ ବିଜୟୀ

ବୈପାରିଗୁଡା,୩।୨ (କଳ୍ପତରୁ ମହାନ୍ତି)

ସ୍ଥାନୀୟ ହାଇସ୍କୁଲ ମିନି ଷ୍ଟାଡିୟମଠାରେ ଶନିବାର ବିପିଏଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏହାକୁ ବୈପାରିଗୁଡା ବ୍ଲକ ସରପଞ୍ଚ ସଂଘ ସଭାପତି ଅଭିମନ୍ୟୁ ନାୟକ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟମଣି ନାୟକଙ୍କ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ ମ୍ୟାକ୍ସିମ ଇଲେଭେନ୍ ଓ ଲିଜେଣ୍ଡ କିଲ୍‌ର ମଧ୍ୟରେ ହୋଇଥିଲା। ପ୍ରଥମେ ଲିଜେଣ୍ଡ କିଲର ବ୍ୟାଟିଂ କରି ୧୩ ଓଭରରେ ୨ ବଲ୍ ଖେଳି ୧୦ ୱିକେଟ୍ ବିନିମୟରେ ୧୧୦ ରନ୍ କରିଥିଲା। ଏହାର ଜବାବରେ ମ୍ୟାକ୍ସିମ ଇଲେଭେନ୍ ୧୨ ଓଭର ୨ ବଲ୍‌ରେ ୧୧୪ ରନ କରି ମ୍ୟାଚ୍ ଜିତିଥିଲା। ଶ୍ରୀକାନ୍ତ ପଣ୍ଡାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ଚୟନ କରାଯାଇଥିଲା। ସୂଚନାଯୋଗ୍ୟ, ଆଇପିଏଲ୍ ଢାଞ୍ଚାରେ ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ବୈପାରିଗୁଡା କ୍ରିକେଟ୍ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୭ଟି ଟିମ୍ ଭାଗ ନେଇଛନ୍ତି।

## ମ୍ୟୁନିସିପାଲିଟି ପକ୍ଷରୁ ଅସ୍ମିତା ରଥର ଶୁଭାରମ୍ଭ



ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଅସ୍ମିତା ରଥର ଶୁଭାରମ୍ଭ କରୁଛନ୍ତି।

କୋରାପୁଟ,୩।୨(ଅମିତାଭ ବେହେରା)

କୋରାପୁଟ ମ୍ୟୁନିସିପାଲିଟି ପକ୍ଷରୁ ଶନିବାର ଅସ୍ମିତା ରଥର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସବୁଜ ପତକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ । ଓଡିଆ ଭାଷା ସାହିତ୍ୟର ସୁରକ୍ଷା ସହ ବ୍ୟାପକ ପ୍ରଚାର ଏବଂ ଏଦିଗରେ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ମ୍ୟୁନିସିପାଲିଟି ପକ୍ଷରୁ ଏହି ଅସ୍ମିତା ରଥ ୩ ଦିନ ଧରି କୋରାପୁଟ ମ୍ୟୁନିସିପାଲିଟିରେ ସମସ୍ତ ୨୧ଟି ୱାର୍ଡ ପରିକ୍ରମା କରି ଲୋକଙ୍କୁ ଓଡିଆ ଭାଷା ଉପରେ ସଚେତନ କରିବ ବୋଲି ପୌରାଧ୍ୟକ୍ଷ ସେଠୀ କହିଛନ୍ତି। କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷା ସବିତା ପଣ୍ଡାଙ୍କ ସହ ସମସ୍ତ କାଉନସିଲର, ଅଧିକାରୀ, ଯନ୍ତ୍ରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ସାହିତ୍ୟିକ, ନାଟଗୁରୁଙ୍କ ସହ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ସମ୍ବର୍ଦ୍ଧିତ

### ନନ୍ଦପୁରରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ନନ୍ଦପୁର, ୩।୨(ଶଙ୍କର ପୂଜାରୀ)–



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଓଡ଼ିଆ ଭାଷାର ସୁରକ୍ଷା ଓ ବିଶ୍ୱସ୍ତରର ମାନ୍ୟତା ଲାଗି ରାଜ୍ୟ ସରକାର ପ୍ରଚେଷ୍ଟା ଆରମ୍ଭ କରିଛନ୍ତିଶ୍। ଏନେଇ ଶନିବାର ରାଜ୍ୟସାରା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ ଅନୁଷ୍ଠିତ ହୋଇଛି। ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ନନ୍ଦପୁର ବ୍ଲକ ଅଧିନ ୨୩ପଞ୍ଚାୟତରେ ସରପଞ୍ଚ ଓ ପିଇଓ ବ୍ଲକସ୍ତରରେ ବିଡିଓ ଦୁର୍ଗା ପ୍ରସାଦ ଦୋରାଙ୍କ ଅଧ୍ୟକ୍ଷତାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା। ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଷା ସାହିତ୍ୟର ଅତୀତ,ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନାଚକ୍ର ହୋଇଥିଲା। ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ କରାଯାଇ ଥିଲା। ବ୍ଲକ ଅଞ୍ଚଳର ଭାଷା ଓ ସାହିତ୍ୟର ସୁରକ୍ଷାରେ ଜଡ଼ିତ କବି ବିଚିତ୍ରାନନ୍ଦ ପଣ୍ଡା, କିରଣ ପ୍ରକାଶ ପଣ୍ଡା, କମଳା ପାଲି, ନାଟ୍ୟକାର ଜୟରାମ ଭୋଇ,କର୍ଣ୍ଣ ପାଙ୍ଗି, ସ୍ୱାଧୀନତା ସଂଗ୍ରାମୀ ମଧୁ ସେଠୀଙ୍କ ଦାୟଦ ହରିଲାଲ ସେଠୀ, ଭଗବାନ ଖେମୁଣ୍ଡୁଙ୍କ ଦାୟଦ ମଙ୍ଗରାଜ ଖେମୁଣ୍ଡୁ ଓ ନକୁଳ ଖେମୁଣ୍ଡୁଙ୍କୁ ପୁଷ୍ପମାଲ୍ୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦାୟଦମାନେ ବିଡିଓ ଦୋରାଙ୍କୁ ବ୍ଲକ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମାରକୀ ନିର୍ମାଣ କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ, ତହସିଲଦାର ଅନାଦି ଚରଣ ସାହୁ, ଏସଡିପିଓ ସଞ୍ଜୟ ମହାପାତ୍ର, ଏମ୍‌ପି ପ୍ରତିନିଧି ଗୋପାଳ ମାଟାମଙ୍କ ସହ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ଜିପିଇଓ ବେଦାନ୍ତ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ

ଦଶମନ୍ତପୁର, ୩।୨ (ଅରବିନ୍ଦ ନାୟକ)


ଜଣେ କୃତୀଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଶନିବାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ମିଳନ କୁମାର ଝାଙ୍କରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମ୍ପ୍ରସାରଣ ଅଧିକାରୀ ପ୍ରଦୀପ ନାୟକ ପରିଚାଳନା କରିଥିଲେ। ଏଥିରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୟାସିନ୍ଧୁ ବାଘ, ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟାପକ ଦିଲୀପ ନାୟକ, ଅଧ୍ୟାପିକା ଶ୍ରୀଲତା ବାରିକ, ଧରଣୀଧର ରଣା, ପ୍ରଧାନ ଶିକ୍ଷକ ବାସ ପ୍ରଧାନୀ, ମାଛପୁଟ ପ୍ରଧାନ ଶିକ୍ଷକ ନରେନ୍ଦ୍ର ଖସଲା, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗୌତମ ଖସଲା ସହଯୋଗ କରିଥିଲେ। ସେହିପରି ମାଛପୁଟ ସେବାଶ୍ରମରେ ପ୍ରଧାନ ଶିକ୍ଷକ ନରେନ୍ଦ୍ର ଖସଲାଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ରାଧାକୃଷ୍ଣ ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ତ୍ରିନାଥ ପାତିକା ଅଧ୍ୟକ୍ଷତା କରିଥିଲେ। ଓଡ଼ିଆ ଭାଷାର ପ୍ରଚାର ପ୍ରସାର ସହ ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## କୋରାପୁଟରେ ବନ୍ଦେ ଉତ୍କଳ ଜନନୀ ଗାନ କାର୍ଯ୍ୟକ୍ରମ

କୋରାପୁଟ,୩।୨(ଅମିତାଭ ବେହେରା )

ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ନେଇ କୋରାପୁଟରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କାର୍ଯ୍ୟକ୍ରମ ଶନିବାର ପୂର୍ବାହ୍ନ ୧୧ଟାରେ କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିସହ ସହରର ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ମଧ୍ୟ ଏହି କାର୍ଯ୍ୟକ୍ରମ ହୋଇଥିବା ଜଣାପଡିଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଭି. କିର୍ତ୍ତି ଭାସନ, ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ରାଜେନ୍ଦ୍ର ମାଝି, ଉପଜିଲାପାଳ ବେଣୁଧର ଶବର, ଜିଲା ଯୋଜାନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶାଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। । ସେହିପରି କୋରାପୁଟ ମ୍ୟୁନିସିପାଲିଟି କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ସମେତ ଉପାଧ୍ୟକ୍ଷା,ସମସ୍ତ କାଉନସିଲର ଓ ପୌର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମକୁ ସିମାଞ୍ଚଳ ପଢିହାରୀ ପରିଚାଳନା କରିଥିଲେ । ସେହିପରି କୋରାପୁଟ ଆରଏମସି କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆରଏମସି ସମ୍ପାଦକ ଅରୁଣ ଜେନାଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ରହି ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ ।

## ବିକାଶମୂଳକ ପ୍ରକଳ୍ପ ସମୀକ୍ଷାକଲେ ଜିଲାପାଳ

ଜୟପୁର, ୩।୨(ପବନ ପାଣିଗ୍ରାହୀ)


ଜିଲାପାଳ ଏକ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ଜୟପୁର ସହରରେ ଚାଲିଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା ଶନିବାର କରିଛନ୍ତି କୋରାପୁଟ ଜିଲାପାଳ ଭି.କୀର୍ତ୍ତି ଭାସନ। ଜିଲାପାଳ ଜୟପୁରରେ ପହଞ୍ଚିବିକ୍ରମଦେବ ବିଶ୍ୱ ବିଦ୍ୟାଳୟ, ସ୍ପୋର୍ଟସ କମ୍ପ୍ଲେକ୍ସ, ଜଗନ୍ନାଥ ସାଗର ପରିଦର୍ଶନ କରି ସମୀକ୍ଷା କରିଥିଲେ । ବିଶ୍ୱ ବିଦ୍ୟାଳୟ ପରିସରରେ ନିର୍ମାଣାଧୀନ ଥିବା ୧ ହଜାର ଆସନ ବିଶିଷ୍ଟ ଅତ୍ୟାଧୁନିକ ଅଡିଟୋରିୟମ, କେମେଷ୍ଟ୍ରି ଲ୍ୟାବ, ଲାଇବ୍ରେରୀ କ୍ଲାସ ରୁମ ଆଦି କାର୍ଯ୍ୟର ଜିଲାପାଳ ସମୀକ୍ଷା କରଥିଲେ। ଆଗାମୀ ନିର୍ବାଚନ ପାଇଁ ମଧ୍ୟ ସେ ଷ୍ଟ୍ରଙ୍ଗ ରୁମର ସମୀକ୍ଷା କରିଥିଲେ। ଇଭିଏମ, ଭିଭିପିଏଟ କେଉଁଠି ରଖାଯିବ, ଏଜେଣ୍ଟ କେଉଁଠି ବସିବେ, ଭୋଟ ଗଣତି କେଉଁ ସ୍ଥାନରେ ହେବ ଏହାର ସମୀକ୍ଷା କରିଥିଲେ। ଏହି ସମୟରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଆଇଏଏସ ଟ୍ରେନିଂ ସୌମ୍ୟ ରଞ୍ଜନ ପ୍ରଧାନ, ଅଧୀକ୍ଷଣ ଯନ୍ତ୍ରୀ କ୍ଷୀରଧର କନ୍ଦପାଣି, ପିଏ ଆଇଟିଡିଏ ପ୍ରଣୟ ରଞ୍ଜନ ବେହେରା, ଉପ ଜିଲାପାଳ ପ୍ରଭାତ ପରିଡା, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ପୌର କନିଷ୍ଠ ଯନ୍ତ୍ରୀ ଅଜୟ ଜାନି, ଚୈତନ୍ୟ ବାସ୍କେ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରାତି ଜଗୁଆଳିଙ୍କ ଆତ୍ମହତ୍ୟା

ପଡ଼ିଆ, ୩।୨(ଭାସ୍କର ରାଓ)

ପଡ଼ିଆ ବ୍ଲକ ଆଦର୍ଶ ବିଦ୍ୟାଳୟ ପରିସର କମନ ରୁମ୍ ରାତ୍ରି ଜଗୁଆଳି ଶନିବାର ପଙ୍ଖାରେ ମଶାରି ଜାଲ ବାନ୍ଧି ବେକରେ ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। ମୃତକ ହେଉଛନ୍ତି ପଡ଼ିଆ ସଦର ଗ୍ରାମର କୋରାପୁ ରଙ୍ଗା ବାବୁ (୪୦)। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବିଦ୍ୟାଳୟ ଖୋଲା ଯିବାର କିଛି ସମୟ ପୂର୍ବରୁ ଶିକ୍ଷକମାନେ କମନ ରୁମ୍ ଖୋଲିବାକୁ ଯାଇଥିବା ବେଳେ ଭିତରୁ ବନ୍ଦ ଥିବା ଦେଖିଥିଲେ। ସେଠାରେ ରହୁଥିବା ରଙ୍ଗାଙ୍କୁ ଡାକିଥିଲେ, କିନ୍ତୁ ସେ ଶୁଣି ନ ଥିଲେ। ପରେ ଝରକାରେ ସେ ଫ୍ୟାନ୍‌ରେ ଝୁଲୁଥିବା ଦେଖି ବିଦ୍ୟାଳୟ କର୍ତ୍ତୃପକ୍ଷ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୋଟୁ ତହସିଲଦାର ମଧୁସୂଦନ ମାଝିଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ମୃତଦେହ ତଳକୁ ଓହ୍ଲାଇ ବ୍ୟବଚ୍ଛେଦ ପାଇଁ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ନଂ.୨/୨୪ରେ ମାମଲା ରୁଜୁ କରାଯାଇଛି। ମୃତ ଯୁବକଙ୍କୁ ପାଇଖାନା, ଶୌଚାଳୟ ସଫା କରିବା ପାଇଁ ବାଧ୍ୟ କରାଯାଉଥିଲା ବୋଲି ତାଙ୍କ ସମ୍ପର୍କୀୟ ଗଣମାଧ୍ୟମ ଆଗରେ କହିଛନ୍ତି। ତଦନ୍ତ ପରେ ଏହାର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### କ୍ଷତିପୂରଣ ନ ମିଳିବା ଯାଏ ମୃତଦେହ ବ୍ୟବଚ୍ଛେଦକୁ ପରିବାର ଲୋକଙ୍କ ବିରୋଧ

ବାଇକ ଦୁର୍ଘଟଣାରେ ଜଣେ ମୃତ

ଚନ୍ଦାହାଣ୍ଡି,୩।୨(ଦିଲ୍ଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଶରଧାପୁର-ଚନ୍ଦାହାଣ୍ଡି ମୁଖ୍ୟ ରାସ୍ତାରେ ବାଇକ ଦୁର୍ଘଟଣା ଘଟି ଜଣକ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ଅଛନ୍ତି। ମୃତକ ହେଲେ ଶରଧାପୁର ଗ୍ରାମର ରଖହରି ବାଘ (୪୮)। ଗୁରୁତର ହେଲେ ଶରଧାପୁର ମହୁଲପଡା ଗ୍ରାମର କ୍ଷୀରସିନ୍ଧୁ ପୂଜାରୀ (୨୬)। ଗୁରୁତରଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ରଖହରି ଚନ୍ଦାହାଣ୍ଡି ଶରଧାପୁର ମୁଖ୍ୟ ରାସ୍ତାରେ ନିଜ ବାଇକ ନିକଟରେ ଠିଆ ହୋଇ ଥିଲେ। ସ୍କୁଟି ନେଇ ଯାଉଥିବା କ୍ଷୀରସିନ୍ଧୁ ଭାରସାମ୍ୟ ହରାଇ ରଖହରିଙ୍କୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚନ୍ଦାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ମନୀଷ କୁମାର ପୁରୋହିତ ରଖହରିଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ତନୁରାମ ବାଘ ଚନ୍ଦାହାଣ୍ଡି ଥାନାରେ ଏତଲା ଦେଇଛନ୍ତି। ଥାନା କେସ୍ ନଂ ୩୫/୨୪ରେ ଏକ ମାମଲା ରୁଜୁ କରାଯାଇଛି। କ୍ଷତିପୂରଣ ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପରିବାର ଲୋକେ ଅଡ଼ିବସିଛନ୍ତି। ଏସ୍ଆଇ ଖଗେଶ୍ୱର ଖୋସଲା ଘଟଣାତ ତଦନ୍ତ କରୁଛନ୍ତି।

### ଭତ୍ତାରୁ ବଞ୍ଚିତ ଦିବ୍ୟାଙ୍ଗ ୨ ଭଉଣୀ

ଦଶମନ୍ତପୁର, ୩।୨ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ନନ୍ଦିଗାଁ ପଞ୍ଚାୟତର ପି.ସୁଜୁଲି ଗ୍ରାମରେ ଦୁଇ ଭଉଣୀ ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ସେମାନେ ହେଲେ ଧବା ମୁଦୁଲିଙ୍କ ବଡ଼ ଝିଅ ଭବାନୀ (୧୮) ଓ ସାନଝିଅ ବାସନ୍ତୀ (୮)। ମୋ ଦୁଇ କୁନି କୁନି ଝିଅଙ୍କ ହାତ ଓ ପାଦର ଆଙ୍ଗୁଠିଗୁଡିକ ଜନ୍ମରୁ ହିଁ ବଙ୍କା ହୋଇ ରହିଛି। ସେମାନେ ଘରର କୌଣସି କାର୍ଯ୍ୟ କରିପାରୁ ନାହାନ୍ତି। ମୋ ସ୍ୱାମୀ ଧବା ବାହାରେ କୁଲିଭୁତି କରି ଯାହା ଆଣନ୍ତି ସେଥିରେ ଆମ ପରିବାର ଚଳେ। ଝିଅମାନଙ୍କ ଚିକିତ୍ସା ପାଇଁ ଆମେ ଦଶମନ୍ତପୁର ଚିକିତ୍ସାଳୟଠାରୁ ଆରମ୍ଭ କରି ଜିଲା ପର୍ଯ୍ୟନ୍ତ ଚିକିତ୍ସାଳୟ ନେଇଥିଲେ ମଧ୍ୟ କିଛି ସୁଫଳ ମିଳିନି ବୋଲି ମା' ମିରିଚି କହିଛନ୍ତି। ଅର୍ଥ ଅଭାବରୁ ପ୍ରାଥମିକ ଚିକିତ୍ସା ପରେ ଆମେ ଝିଅ ଦୁହିଁଙ୍କୁ ଘରକୁ ନେଇ ଆସିଥିଲୁ ବୋଲି ବାପା ଧବା କହିଛନ୍ତି। ଭତ୍ତା ପାଇଁ ଅନେକ ଥର ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ଆବେଦନ କରି ଏ ଯାଏ କିଛି ସୁଫଳ ମିଳି ନ ଥିବା ଧବା କହିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଭିନ୍ନକ୍ଷମ ଦୁଇ ପିଲାଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ମାଲକାନଗିରିରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, ବହୁ ବ୍ୟକ୍ତି ସମ୍ମାନିତ

ମାଲକାନଗିରି, ୩।୨(ଦୁର୍ଯ୍ୟୋଧନ ପାତ୍ର)



ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଥିବା ମହିଳା ଓ ଅନ୍ୟମାନେ।

ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀର ଉଦ୍‌ଘାଟନ କରାଯାଇଛି। ଅନୁରୂପ ଭାବେ ମାଲକାନଗିରି ଜିଲାର ସମସ୍ତ ବ୍ଲକ, ପୌର ପାଳିକା, ଶିକ୍ଷାନୁଷ୍ଠାନରେ ନିଜ ମାତୃଭାଷାର ସମ୍ମାନ ଓ ଗୌରବ ପାଇଁ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସଦର ବ୍ଲକରେ ବିଡିଓ ପ୍ରଭାତୀ ଝଡିଆଙ୍କ ଅଧ୍ୟକ୍ଷତାରେ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ସମ୍ମାନୀତ ଅତିଥି ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ, ବ୍ଲକ ଅଧ୍ୟକ୍ଷା ଗୌରୀ ପଡିଆମି ଉପସ୍ଥିତ ଥିଲେ। ଅତିଥିମାନେ ଜଗନ୍ନାଥ ଓ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଲଇଡି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ଘାଟନୀର ସିଧା ପ୍ରସାରଣ କରାଯାଇଥିଲା। ଏହି ଅବସରରେ ଜିଲାର ସାହିତ୍ୟିକ, ଲେଖକ, କବି ଓ ଗବେଷକଙ୍କୁ ସମ୍ମାନିତ କରାଯାଇଥିଲା। ସାହିତ୍ୟିକ, ଗବେଷକ ଓ ଲେଖକ ରତ୍ନାକର ଦାଶ, ଶିକ୍ଷାବିତ ଓ ଲେଖକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, କେଶବ ଚନ୍ଦ୍ର ନାୟକ, ମନୋଜ କୁମାର ସାହୁ, ଭାରତୀ ଦେବୀ, ଭଗବାନ ହନ୍ତାଳ, ସଂଯୁକ୍ତା ନାୟକ, ରୀତା ଦାସ, ସୁରମା ମହାରଥୀ, ପୁଷ୍ପାରାଣୀ କବାସୀଙ୍କୁ ଉପଢୌକନ, ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି ଅବସରରେ କବିମାନେ ନିଜର ସ୍ୱରଚିତ କବିତା ପାଠ କରିଥିଲେ। ପୁସ୍ତକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ବିନାଶ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ କନିଷ୍ଠ ଯନ୍ତ୍ରୀ ସରୋଜ ସାମନ୍ତରାୟ, ପ୍ରତାପ ନାୟକ ଓ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ରାଜ୍ୟସ୍ତରରେ ପୁରସ୍କୃତ ହେଇଥିବା ଶିକ୍ଷକଙ୍କୁ ସମ୍ବର୍ଦ୍ଧନା





ସମ୍ବର୍ଦ୍ଧିତ ହୋଇଥିବା ଶିକ୍ଷକ ଓ ଅନ୍ୟମାନେ।

ଉମରକୋଟ, ୩।୨(ସନ୍ତୋଷ ଶତପଥୀ)

ଉମରକୋଟସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏନ୍‌ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଉମରକୋଟ ବ୍ଲକ୍‌ର ସମସ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଚଳିତ ବର୍ଷ ୧୫ ଜଣ ଶିକ୍ଷୟିତ୍ରୀ ଓ ୭ ଜଣ ଶିକ୍ଷକ ଏହି ପୁରସ୍କାର ପାଇବେ। ଏହି ସଭାରେ ବିଇଓ ବିକାଶ ଚନ୍ଦ୍ର ସରକାରଙ୍କ ସମେତ ସମସ୍ତ ଏବିଇଓ ଉପସ୍ଥିତ ରହି ପୁରସ୍କାର ପାଇଥିବା ୨୨ଜଣ ଶିକ୍ଷକଙ୍କୁ ସମ୍ମାନିତ କରିଥିଲେ। ଉମରକୋଟ ବ୍ଲକର ସଂଖ୍ୟାଧିକ ଶିକ୍ଷକ ପୁରସ୍କୃତ ହୋଇଥିବାରୁ ସେମାନଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ପୁରସ୍କୃତ ଶିକ୍ଷକମାନେ ସେମାନଙ୍କ ସଫଳତାର ରାସ୍ତା ଉପରେ ଆଲୋକପାତ କରିଥିଲେ। ଶିକ୍ଷକମାନେ ପୁରସ୍କୃତ ଶିକ୍ଷକଙ୍କ ବିଦ୍ୟାଳୟ ବୁଲି କିଛି ଶିଖି ଶିକ୍ଷା କ୍ଷେତ୍ରରେ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା କରିଥିଲେ। ଏହି ସଭାରେ ଅନେକ ଶିକ୍ଷକ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।

# ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ସମ୍ମାନିତ

ନନ୍ଦାହାଣ୍ଡି,୩।୨(ପ୍ରତୀପ କୁମାର ଦାଶ)



ନନ୍ଦାହାଣ୍ଡିରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ପାଳନ କରାଯାଇଛି। ପ୍ରଥମେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏହି ଉପଲକ୍ଷେ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ବୁଦୁ ଜାନୀ, ସନ୍ୟାସୀ ଭତରା, ଭୀଷ୍ମ ପୂଜାରୀ, ଗୁପ୍ତ ଗୌଡ଼, ଲଳିତ ରନ୍ଧାରୀ, ବିଦ୍ୟାଧର ଜାନୀ, ଗୁରୁ ଅମନାତ୍ୟ ଓ ଉମାଶଙ୍କର ଜାନୀଙ୍କୁ ସମ୍ମାନିତ କରାଯାଇଥିଲା। ସାହିତ୍ୟିକ ଶରତ ଚନ୍ଦ୍ର ଦାଶ, କବି ପ୍ରଭଞ୍ଜନ ତ୍ରିପାଠୀ ଓ ରତନ ମାଝି, ପୁଷ୍ପାଞ୍ଜଳୀ ମହାନ୍ତି ଓ ଶିବଶଙ୍କର ପାଢ଼ୀଙ୍କୁ ସମ୍ମାନିତ କରାଯାଇଛି। କଳାକାର ନରସିଂହ ତ୍ରିପାଠୀ, ନରେନ୍ଦ୍ର ଦାଶ, ଗୌରହରି ଶତପଥୀ, ଶ୍ରୀକାନ୍ତ ତ୍ରିପାଠୀ, ଟଙ୍କ ମଣ୍ଡଳ, ତ୍ରିପତି ମାଳି,ନବୀନ ଚନ୍ଦ୍ର ମାଝି, ଈଶ୍ୱର ମାଝି, ପତି ନାୟକ ଓ ମଦନ ମାଝି ପ୍ରମୁଖଙ୍କୁ ସମ୍ମାନିତ କରାଯାଇଛି। ବିଞ୍ଜିଗୁଡ଼ା, କୋଟ୍ରା ଗୁଡ଼ା ଓ ନିସ୍ନାହାଣ୍ଡି ଆଦି ତିନି ସେବାଶ୍ରମ ବିଦ୍ୟାଳୟରେ ଓଡ଼ିଆ ଭାଷା ଉପରେ ଆଧାରିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର ୧୮ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରଶ୍ମିତା ମାଝି, ଶରତ ଚନ୍ଦ୍ର ଦାଶ, ଜୋନ୍-୨ ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ବିଇଓ ପୁଷ୍ପାଞ୍ଜଳି ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ସଦନ ଗୌଡ, ଏମ୍‌ପିଙ୍କ ପ୍ରତିନିଧି ସୁନିଲ ସାହୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ଜଗବନ୍ଧୁ ଜାନୀ, ଜିଲା ଜନଜାତି ସୁରକ୍ଷା ମଞ୍ଚ ଉପସଭାପତି ରତନ ମାଝି, ଜିଲା ପରଜା ସମାଜ ସମାଜ ସଭାପତି ବୁଦୁ ଜାନୀ, ନନ୍ଦାହାଣ୍ଡି ବ୍ଲକ ବିଜେଡି ଯୁବ ସଭାପତି ପୁରନ୍ଦର ଭତ୍ରା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

ନାବାଳିକା ଅପହରଣ,ବଳାତ୍କାର ମାମଲା

## ଦୋଷୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର, ୩।୨(ପବନ ପାଣିଗ୍ରାହୀ)

ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲାର ଶୁଣାଣି ଶନିବାର ଜୟପୁର ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ କୋର୍ଟରେ ହୋଇଛି। ବିଚାରପତି ଆଡହକ ଅତିରିକ୍ତ ଜିଲା ଓ ଦୌରା ଜଜ ପ୍ରଜ୍ଞାନଳିନୀ ମିଶ୍ର ମାମଲାର ବିଚାର କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୨୩ ହଜାର ଟଙ୍କା ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ଅନାଦାୟ ହେଲେ ୯ମାସ ଅଧିକ କାରାଦଣ୍ଡ ଭୋଗିବାକୁ ଶୁଣାଣିରେ ପ୍ରକାଶ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, କୋଟପାଡ ଥାନା ଅନ୍ତର୍ଗତ ସୁରଲି ଗ୍ରାମର ସଞ୍ଜୁ ଏଲିୟସ ଅଭି ଏଲିୟସ ଆବ୍ରାହମ ହରିଜନ (୨୯) ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଗତ ୨୦୧୭।୧୭ରେ ଘରୁ ଡାକି ନେଇଥିଲେ। ତାଙ୍କୁ ରାୟପୁରର ପାପନ ଗ୍ରାମ ଏବଂ ଧରନାପାଲ ଗ୍ରାମକୁ ନେଇ ସମ୍ପର୍କୀୟମାନଙ୍କ ଘରେ ରଖି ବଳାତ୍କାର କରିଥିଲେ। ଏନେଇ ପିଡିତାଙ୍କ ବାପା କୋଟପାଡ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଗୁରୁତର ସହ ନେଇ ପୋଲିସ ମାମଲା ରୁଜୁ କରି ସଞ୍ଜୁ ଏଲିୟସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେବେଠାରୁ ଉକ୍ତ ମାମଲା ଜୟପୁର ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ କୋର୍ଟରେ ବିଚାରାଧୀନ ଥିଲା। ୧୩ ଜଣ ସାକ୍ଷ୍ୟ ପ୍ରମାଣ ଓ ୧୫ଟି ଦସ୍ତାବିଜକୁ ଭିତ୍ତି କରି କୋର୍ଟ ଏହି ମାମଲାର ଶୁଣାଣି କରିଛନ୍ତି। ମାମଲାର ତଦନ୍ତ ବେଳେ ପିଡାତାଙ୍କୁ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ୧ ଲକ୍ଷ ୫୦ ହଜାର ଟଙ୍କା ଅନ୍ତରିଣ ଅନୁକମ୍ପା ରାଶି ପ୍ରଦାନ କରାଯାଇଥିଲା। ଶନିବାର ମାମଲାର ଶୁଣାଣି ବେଳେ କୋର୍ଟ ଜିଲା ଆଇନସେବା ପ୍ରାଧିକରଣ ମାଧ୍ୟମରେ ପିଡିତାଙ୍କୁ ୬ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ପିଡିତା ୧ ଲକ୍ଷ ୫୦ ହଜାର ଟଙ୍କା ପାଇଥିବାରୁ ବଳକା ୪ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିବାକୁ ରାୟରେ କୁହାଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ଗାୟତ୍ରୀ ଦେବୀ ମାମଲା ପରିଚାଳନା କରୁଥିଲେ।

# ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଗୋବିନ୍ଦପାଲି,୩।୧(କାର୍ତ୍ତିକ ରଥ)

ମାଲକାନଗିରି ଜିଲା ଗୋବିନ୍ଦାପାଲି ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛପନତମ ବାର୍ଷିକ ମହୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମୁଖ୍ୟ ବକ୍ତା ପ୍ରକାଶ ଦାସ,ସଭାପତି ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଗୁରୁବନ୍ଧୁ ପୂଜାରୀ ,ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷୀକେଶ ଦଣ୍ଡସେନା, ଜିଲା ପରିଷଦ ସଭ୍ୟ ବଳୀ ମାଝି, ସମିତି ସଭ୍ୟା ଚଞ୍ଚଳା ରୁଡେଇ, ଫାଣ୍ଡି ଅଧିକାରୀ ପଦ୍ମନ ପୂଜାରୀ,ସ୍ଥାନୀୟ ସରପଞ୍ଚ ଶ୍ରୀନିବାସ ମୁଦୁଲି, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ତ୍ରିନାଥ ପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖେଳ କୁଦ ପ୍ରତିଯୋଗିତା କରାଯାଇଥିବା ବେଳେ ଶନିବାର ପୂର୍ବାହ୍ନରେ ରଚନା,ବକ୍ତୃତା ଓ ତର୍କ ଆଦି ଅନେକ ପ୍ରତିଯୋଗିତା କରାଯାଇଥିଲା। ସନ୍ଧ୍ୟାରେ ଅତିଥିଙ୍କ ଉପସ୍ଥିତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅତିଥିମାନେ ନିଜ ଅଭି ଭାଷଣରେ ପିଲାଙ୍କୁ ଭଲ ପାଠ ପଢିବା ସହିତ ଅନ୍ୟାନ୍ୟ କ୍ଷେତ୍ରରେ କିପରି କୃତ କାର୍ଯ୍ୟ ହୋଇପାରିବେ ସେ ଦିଗରେ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟ ଅତିଥି ବାକା ଯେଉଁ ପିଲା ଦଶମ ବୋର୍ଡ ପରୀକ୍ଷାରେ ଏ-୧ ଗ୍ରେଡ୍ ରଖିବେ ସେମାନଙ୍କୁ ନିଜେ ପ୍ରତ୍ୟେକଙ୍କୁ ୨୦ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ଭାବେ ଦେବାକୁ ଘୋଷଣା କରିଥିଲେ। ପରିଶେଷରେ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

# ମାଥିଲି ବ୍ଲକରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ଦିବସ ପାଳନ



ସମୂହ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଉଛି।

ମାଥିଲି,୩।୨(ସୁବାସ ଚନ୍ଦ୍ର ଖୁଢୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକରେ ବିଶ୍ୱ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ବନ୍ଦେ ଉତ୍କଳ ଜନନୀ ଗାନ କରି ଭାଷା ଉପରେ ବକ୍ତବ୍ୟ ଦେଇଥିଲେ ମାଥିଲି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ମହାରଣା। ଭାଷଣରେ ମହାପୁରୁଷମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଏଲ୍ଇଡି ମାଧ୍ୟମରେ ଭୁବନେଶ୍ୱରଠାରେ ଚାଲିଥିବା ଭାଷା ଉତ୍ସବକୁ ସମସ୍ତଙ୍କୁ ଦେଖାଇଥିଲେ। ମାଥିଲି ବ୍ଲକରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪ ଶନିବାର ମାଥିଲି ଓ ଉଦୁଲି ବେଡା ପଞ୍ଚାୟତ ଏବଂ ମେକା ପଞ୍ଚାୟତରେ ପାଳନ କରାଯାଇଥିଲା। ମାଥିଲି ସରପଞ୍ଚ କନାମ ରାଜୁ ନାୟକ ଏବିଡିଓ ସରୋଜ କୁମାର ପ୍ରଧାନ, ଏଇ ହୃଦୟ ରଞ୍ଜନ ବାଗ, ସାମାଜିକ ସୁରକ୍ଷା ସମ୍ପ୍ରସାରଣ ଅଧିକାରୀ ସଞ୍ଜୟ କୁମାର ସାମଲ, ମାଥିଲି ପିଇଓ ଅଶୋକ କୁମାର ମହାରଣା, ଏପିଓ ନିଙ୍ଗା କେରକେରା ସମସ୍ତେ ମିଶି ମହାପୁରୁଷ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସାରା ଓଡ଼ିଶା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଳନ ଅବସରରେ ସମସ୍ତେ ମାଥିଲି ପଞ୍ଚାୟତ ଓ ଉଦୁଲି ବେଡା ଏବଂ ମେକା ପଞ୍ଚାୟତର ସରପଞ୍ଚ, ୱାର୍ଡମେମ୍ବର, ସଭ୍ୟାସଭ୍ୟ,ଜିଆର୍‌ଏସ୍, ଯୋଗାଣ ସହାୟକ ଓ ପୂର୍ବତନ ବିଜେଡି ସଭାପତି ସଦାଶିବ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ତହସିଲଦାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ତହସିଲଦାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

ମାଥିଲି,୩।୨(ସୁବାସ ଚନ୍ଦ୍ର ଖୁଢୁପିଆ)

ମାଲକାନଗିରି ଜିଲା ମାଥିଲି ତହସିଲଦାର ଚନ୍ଦନ କୁମାର ଭୋଇଙ୍କୁ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମାଥିଲି ଓ ଖଇରପୁଟର ୟୁନିୟନ ଅଫ୍ ଜର୍ନାଲିଷ୍ଟ ତରଫରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭୋଇ ଗତ ୩ ବର୍ଷ ହେବ ମାଥିଲିରେ ନିଜ କାର୍ଯ୍ୟଦକ୍ଷତା ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୋକଙ୍କ ସହିତ ଯୋଡିହୋଇ ଭଲ ଅଧିକାରୀ ଭାବେ ନିଜର କାର୍ଯ୍ୟ ସମ୍ପାଦନ କରିଥିଲେ। ୟୁନିୟନ ଅଫ୍ ଜର୍ନାଲିଷ୍ଟ ସଭାପତି ବସନ୍ତ ସଗରିଆଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ମହେନ୍ଦ୍ର ପାଣିଗ୍ରାହୀ, ଉପ ସଭାପତି ଜଗନ୍ନାଥ ଦଳେଇ, ସଂଘ ସଦସ୍ୟ ସୁବାଷ ଚନ୍ଦ୍ର ଖୁଢୁପିଆଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ତହସିଲଦାର ଭୋଇଙ୍କ କଳାହାଣ୍ଡି ଜିଲା ଭବାନୀପାଟଣାର ନୂତନ ବିଡିଓ ଭାବେ ତାଙ୍କ ପଦୋନ୍ନତି ହୋଇଛି।

# ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ମାଲକାନଗିରି, ୩।୨(ଦୁର୍ଯ୍ୟୋଧନ ପାତ୍ର)





ସମ୍ମାନିତ ହୋଇଥିବା ଶିକ୍ଷକ।

ମାଲକାନଗିରି ଜିଲା ଏକ ଆଦିବାସୀ ବହୁଳ ଅଞ୍ଚଳ। କୋରୁକୋଣ୍ଡା ବ୍ଲକ ଆଦିବାସୀ ଗ୍ରାମ କମାଲିଗୁଡା ପ୍ରାଥମିକ ବିଦ୍ୟାଳୟ ଉଚ୍ଚକୋଟିର ହୋଇଥିବା ଏବଂ ସେହି ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ପାଣିଗ୍ରାହୀ ଏବଂ ସହକାରୀ ଶିକ୍ଷକ ସାନୁ କୁମାର ମାଢିଙ୍କୁ ସର୍ବଶ୍ରେଷ୍ଠ ବିଦ୍ୟାଳୟ ଓ ସର୍ବଶ୍ରେଷ୍ଠ ଶିକ୍ଷକ ଭାବେ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଜିଲା ଶିକ୍ଷା ବିକାଶ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଥିବା ବେଳେ ପ୍ରଶାସନ ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଆବାସିକ ବାସଗୃହ, ଖାଦ୍ୟ, ପୋଷାକ ଏବଂ ଉନ୍ନତମାନର ଶିକ୍ଷା ବ୍ୟବସ୍ଥା କରିଛନ୍ତି।

# ମଦଭାଟି ପାଲଟିଲା ଶୌଚାଳୟ, ସଫାକଲେ ସ୍ୱେଚ୍ଛାସେବୀ

ମାଲକାନଗିରି,୩।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପୌର ପରିଷଦ ତରଫରୁ ସୁଭାଷ ବୋଷ ଛକ ନିକଟରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ୬ ମାସ ପୂର୍ବେ ଗାଡି ପାର୍କିଂ ଏବଂ ଚାଳକ, ସର୍ବସାଧାରଣଙ୍କ ପାଇଁ ଶୌଚାଳୟ ନିର୍ମାଣ କରାଯାଇଥିଲା। ଏହି ଶୌଚାଳୟ ଏବେ ନିଶାସକ୍ତଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଶୌଚାଳୟ ଭିତର ଓ ଚତୁଃପାର୍ଶ୍ୱରେ ଶହ ଶହ ମଦ ବୋତଲ, ଗ୍ଲାସ, ପ୍ଲାଷ୍ଟିକ ପାଣି ବୋତଲ ପଡିଥିବା ଦେଖିବାକୁ ମିଳିଥିଲା। ଶନିବାର ମାଲକାନଗିରି ସହରର ସାମାଜିକକର୍ମୀ ଜି. ଶ୍ରୀନିବାସ ରାଓ, ପି. କେଶୁ ରାଓ, ପର୍ଶୁରାମ ଭକ୍ତ, ପଦ୍ମ ପାଙ୍ଗୀ ଓ ଛବି ଦାସଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ସାମାଜିକକର୍ମୀ ଶୌଚାଳୟ ଓ ଏହା ପରିସରରେ ପଡିଥିବା ବିଭିନ୍ନ ଅଳିଆ ଆବର୍ଜନା, ପଲିଥିନ, ପ୍ଲାଷ୍ଟିକ ବୋତଲ ଓ ଗ୍ଲାସ ମଦ ବୋତଲ ସଫା କରିଥିବା ଦେଖଇବାକୁ ମିଳିଥିଲା। ଏଠାରେ ସହରରେ ରାତ୍ରୀ ଯାପନ କରୁଥିବା ଟ୍ୟାକ୍ସି, ମାଲ ପରିବହନ ଗାଡି ରହିବା ପାଇଁ ପାର୍କିଂ କରାଯାଇଥିଲା। ଏଠାରେ ବିଶ୍ରାମ ନେଉଥିବା ଗାଡି ମାଲିକମାନେ ଏବଂ ଦୈନିକ ବଜାରର କେତେକ ବ୍ୟବସାୟ ନିଜ ନିଜର ଗାଡି ରଖିବା ସହ ଶୌଚାଳୟ ବ୍ୟବହାର ପାଇଁ ଏହା ନିର୍ମିତ ହୋଇଥିଲା। କିନ୍ତୁ ପୌର ପରିଷଦର ଅବହେଳା ଯୋଗୁ ଶୌଚାଳୟ ପରିସରରେ ଅସ୍ଥାୟୀ ଉଠା ଦୋକାନୀଙ୍କ କବଜାରେ ରହିଛି। ଫଳରେ ଗାଡି ମାଲିକ ବ୍ୟବସାୟୀମାନେ ନିଜର ଗାଡି ରଖିବା ସହ ଦୂଷିତ ପରିବେଶ ଯୋଗୁ ପାଇଖାନା ବ୍ୟବହାର କରୁନାହାନ୍ତି। ଏ ନେଇ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



ସାମାଜିକର୍ମୀମାନେ ଶୌଚାଳୟ ସଫା କରୁଛନ୍ତି।

# ଓଡ଼ିଆ ଭାଷାର ପ୍ରଚାର, ଏକତା ଡୋରିରେ ବାନ୍ଧିବା ପ୍ରୟାସ

**ନବରଙ୍ଗପୁର/ଉମରକୋଟ, ୩।୨ (ସଦାଶିବ ପ୍ରହରାଜ)**

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ନବରଙ୍ଗପୁର ଜିଲା ପ୍ରଶାସନ, ପୌରପାଳିକା ପକ୍ଷରୁ ଜିଲାରେ ଅବସ୍ଥାପିତ ଓଡ଼ିଶାର ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ପୂର୍ବାହ୍ନରେ ନବରଙ୍ଗପୁର ପୌରପାଳିକା ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ କମଳ ଲୋଚନ ମିଶ୍ର, ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ, ମୁଖ୍ୟ ଉନ୍ନୟନ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ବିରଞ୍ଚିନାରାୟଣ ଦରୱାନ, ପୌରାଧ୍ୟକ୍ଷ କୁନୁ ନାୟକ, ଉପାଧ୍ୟକ୍ଷ ଶୋମ୍ୟା ମହାପାତ୍ର, ଡିଆଇପିଆର୍‌ଓ ହଳଧର ନିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ପୌରପାଳିକା ନିର୍ବାହୀ ଅଧିକାରୀ ତୁଫାନ୍ ନାୟକ, ବିଭାଗୀୟ ଅଧିକାରୀ, କାଉନ୍ସିଲର, କବି ଲେଖକ, ସାହିତ୍ୟିକ, ଗଣମାଧ୍ୟମ ର ପ୍ରତିନିଧି ଉପସ୍ଥିତ ଥିଲେ। ସମସ୍ତେ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଓ ଏକତାର ଡୋରିରେ ବାନ୍ଧିବାର ପ୍ରୟାସ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲାପାଳ କହିଛନ୍ତି। ଏହି ଉପଲକ୍ଷେ ୩ ଦିନ ଧରି ବିଭିନ୍ନ ପ୍ରତିଯୋଗିତା କରାଯିବ ବୋଲି ସୂଚନା ମିଳିଛି। ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ, ବିଭାଗୀୟ ଅଧିକାରୀ, ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ବନ୍ଦେ ଉତ୍କଳ ଜନନୀ ବନ୍ଦନା ଗାନ କରାଯାଇଥିଲା। ପୌରପାଳିକା ନବରଙ୍ଗପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଲେଖକ, କବି, ସାହିତ୍ୟିକ ଗୋପବନ୍ଧୁ ବିଷୋୟୀ, ଡ. ରାଧାନାଥ ବେହେରା, ନାରାୟଣ ପଣ୍ଡା, ବିଜୟ ଚୌଧୁରୀ, ନିରଞ୍ଜନ ମିଶ୍ର, ଜେମାମଣୀ ବିଷୋୟୀ, ଜଗଦୀଶ ତ୍ରିପାଠୀ, ଡକ୍ଟର ବିଜୟ ମିଶ୍ର, ମନୋଜ ପଟ୍ଟନାୟକ, ରବି ନାରାୟଣ ପାଣିଗ୍ରାହୀ, ରାମ ପ୍ରସାଦ ପାତ୍ର, ପର୍ଶୁରାମ ସାହୁ ପ୍ରମୁଖଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମକୁ ପୌରପାଳିକା କର୍ମଚାରୀ ଜ୍ୟୋତି ପରିଛା, ରାମ ଶଙ୍କର ଦାସ ପରିଚାଳନା କରିଥିଲେ।

ଉମରକୋଟ ବିଜୁ ପଟ୍ଟନାୟକ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଓଡ଼ିଶା ଉଠାଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ କୁମାର ପାଢୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୌରାଧ୍ୟକ୍ଷା ରାଧା ଭତ୍ରା, ପୌରପରିଷଦ ଉପାଧ୍ୟକ୍ଷ ସୁଧାଂଶୁ ଦାସ, ଶିକ୍ଷାବିତ ତଥା ସାହିତ୍ୟିକ ଡ.ପ୍ରଦୀପ ମିଶ୍ର, ପେଣ୍ଡ୍ରାଣୀ ମହାବିଦ୍ୟାଳୟ ପ୍ରଧାପକ ଡ.ଶେଷାନନ୍ଦ ମିଶ୍ର, ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ବେନିଆ, ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ନମିତା ମହାପାତ୍ର ଅତିଥିଭାବେ ମଞ୍ଚାସୀନ ଥିଲେ। ଆଧୁନିକ ଜ୍ଞାନକୌଶଳ ପ୍ରୟୋଗରେ ଓଡ଼ିଆ ଭାଷା କିପରି ଆଗକୁ ବଢ଼ି ପାରିବ ସେ ନେଇ ଅତିଥି ମତ ଦେଇଛନ୍ତି। ଓଡ଼ିଆ ଭାଷା ପ୍ରତି ସ୍ନେହ ଶ୍ରଦ୍ଧା ରଖିଥିବା ପ୍ରାଧାପକ ଶେଷାନନ୍ଦ ମିଶ୍ର, ଶିକ୍ଷକ ଡ଼. ପ୍ରଦୀପ ମିଶ୍ର, ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ଗୌର ହରି ମିଶ୍ରଙ୍କୁ ସମ୍ମାନିତ କରାଯାଇଛି। ଓଡ଼ିଆ ଭାଷାରେ ପ୍ରବନ୍ଧ, ରଚନା, କ୍ଷୁଦ୍ରଗଳ୍ପ ରଚନା, ଓଡ଼ିଆ ପ୍ରଶ୍ନ ମଞ୍ଚ, ଓଡ଼ିଆ ଭଜନ ନୃତ୍ୟ, ଓଡ଼ିଆ ହସ୍ତାକ୍ଷର ଭଳି ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ନିଳପ୍ରୋଳା ପଣ୍ଡା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ ମଧ୍ୟ ନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଆ ଭାଷା ପ୍ରଚାର ପ୍ରସାର ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଅସ୍ମିତା ରଥକୁ ପୌରାଧ୍ୟକ୍ଷା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉଠା ଜଳ ସେଚନ ନିଗମ ଉପଦେଷ୍ଟା ଛାତ୍ରୀମାନଙ୍କୁ ଓଡ଼ିଆ ଭାଷାର ବ୍ୟବହାର ଓ ପ୍ରଚାର ପ୍ରସାର ପାଇଁ ଶପଥ ପାଠ କରାଇଥିଲେ। ଅଧାପିକା ଇଂ ଚନ୍ଦନା ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ ଅଧ୍ୟକ୍ଷା ନମିତା ମହାପାତ୍ର ଧନ୍ୟବାଦ ଦେଇଥିଲେ।


ନବରଙ୍ଗପୁରରେ ଅତିଥି କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।



ଉମରକୋଟରେ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ**

# ତେନ୍ତୁଳିଖୁଣ୍ଟିରେ କବିତା ଆସର

**ତେନ୍ତୁଳିଖୁଣ୍ଟି, ୩।୨ (ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଗୋପୀନାଥ ମହାନ୍ତିଙ୍କ ସଂଯୋଜନାରେ କରାଯାଇଛି। ବ୍ଲକ ଅଧ୍ୟକ୍ଷା ନୀଳେନ୍ଦ୍ରୀ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଏବିଡିଓ କୃପାସିନ୍ଧୁ ନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝି, ସିଡିପିଓ ବିନିତା ଜେଠୀ, ଗୋପୀନାଥ ମହାନ୍ତି, ରମେଶ ଟାକ୍ରି, ସୁବାସ ଚନ୍ଦ୍ର ବିଷୋୟୀ, ସଞ୍ଜୀବ ସାହୁ, ଗୀତାରାଣୀ ଦାସ, ସୁଶୋଭିତା ମେଲେନି ତୁରୁକ, ବିନୟ ସୁନା, ଲିପିକାରାଣୀ ଶତପଥୀ, ପୂର୍ଣ୍ଣଚନ୍ଦ୍ର ହରିଜନ ଯୋଗଦେଇଥିଲେ। ଓଡ଼ିଆ ଭାଷାର ବିକାଶ ଓ ପ୍ରସାର ପାଇଁ କରାଯାଉଥିବା ଭାଷା ସମ୍ମିଳନୀକୁ ସମସ୍ତେ ପ୍ରଶଂସା କରିଥିଲେ। କିଛି ଗ୍ରାମ ଓ ସହରର ନାମ ବନାନ ଇଂରାଜୀରେ ଉଚ୍ଚାରଣ ଅଲଗା କିମ୍ବା ଅର୍ଥ ରହିତ ହେଉଛି। ଏହାର ସଂଶୋଧନ ପାଇଁ ଐତିହାସିକ ପଦକ୍ଷେପ ଆବଶ୍ୟକତା ନେଇ ମତ ପ୍ରକାଶ ପାଇଛି। ଏହି ନୂଆ ଉଦ୍ୟମକୁ ଆଗକୁ ଗ୍ରାମାଞ୍ଚଳରେ ବ୍ୟାପକ କରାଯିବାକୁ ମତ ପ୍ରକାଶ ପାଇଛି। ଏହି ଅବସରରେ ଅଞ୍ଚଳର ବହୁ କବି, ପ୍ରାବନ୍ଧିକ ଓ ଗୀତିକାର ଯୋଗଦେଇ ନିଜସ୍ୱ କବିତା ,ପ୍ରବନ୍ଧ ଗଳ୍ପ ପାଠ କରିଥିଲେ।

# ଓଡ଼ିଆ ଲେଖକ, କବିଙ୍କୁ ସମ୍ବର୍ଦ୍ଧନା

**ପାପଡ଼ାହାଣ୍ଡି, ୩।୨ (ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକରେ ଶନିବାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାପଡ଼ାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡିଓ ଦୁର୍ଯ୍ୟୋଧନ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ହେମଲତା ମାଝି ମୁଖ୍ୟ ଅତିଥି, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ପାପଡ଼ାହାଣ୍ଡି ଅଞ୍ଚଳର ଓଡ଼ିଆ ଭାଷା ଲେଖକ ଏବଂ କବି ମଞ୍ଚାସୀନ ଥିଲେ। ଲେଖକ ଏବଂ କବି ପୂର୍ଣ୍ଣଚନ୍ଦ୍ର ବିଡ଼ିକା, ନାରାୟଣ ଚନ୍ଦ୍ର ଗୁରୁ, ମିତ୍ରଭାନୁ ଦାସ, ଈଶ୍ୱର ଚନ୍ଦ୍ର ପଟ୍ଟନାୟକ, ଦିଲୀପ ସ୍ୱାଇଁ , ସୁକମନ ଦିଶାରୀ, କୈଳାସ ଚନ୍ଦ୍ର ପାଣିଗ୍ରାହୀ, ପ୍ରଭାତ ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଭିଭାଷଣ ସିଧା ପ୍ରସାରଣ ଦେଖାଯାଇଥିଲା। ଓଡ଼ିଆ ଭାଷାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସକୁ ଅତିଥି ଏବଂ ଲେଖକମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ପୁସ୍ତକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଛି। ଦଳେଇଗୁଡ଼ା ସରକାରୀ ଆଶ୍ରମ ବିଦ୍ୟାଳୟ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଛନ୍ତି।


ଅତିଥି ଜଣେ ଲେଖକଙ୍କୁ ପୁରସ୍କୃତ କରୁଛନ୍ତି।

**ସଂକ୍ଷେପରେ**

## ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ପଦବୀ ପୂରଣ ଦାବି

**ନବରଙ୍ଗପୁର,୩।୨ (ସଦାଶିବ ପ୍ରହରାଜ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଗୌରବମୟ ଅସ୍ତିତ୍ୱକୁ ଉଜ୍ଜୀବିତ କରି ରଖିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସାରା ଓଡ଼ିଶାରେ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଆୟୋଜନ କରାଯାଉଛି। ଏହି ଅବସରରେ ସାରା ବିଶ୍ୱର ଓଡ଼ିଆ କବି, କବୟିତ୍ରୀଙ୍କୁ ଏକଜୁଟ କରିବାର ପ୍ରୟାସ ସରକାରଙ୍କ ତରଫରୁ କରାଯାଇଛି। ଓଡିଆ ଭାଷା ସାହିତ୍ୟ, ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାର ପାଇଁ ସରକାରଙ୍କ ପକ୍ଷରୁ କରାଯାଇଛି। କିନ୍ତୁ ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ପଦବୀ ଦୀର୍ଘ ୬ ମାସରୁ ଅଧିକ ସମୟ ଧରି ପୂରଣ କରାଯାଉ ନ ଥିବାରୁ ଜିଲାର ସାହିତ୍ୟିକ ଓ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି। ଏହାଦ୍ୱାରା ଜିଲାରେ ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ସମେତ ଏକାଡେମୀ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ବନ୍ଦ ରହିଛି। ନବରଙ୍ଗପୁର ଜିଲାର ଏକାଡେମୀ ସଦସ୍ୟ ପଦବୀ ପୂର୍ବତନ ସଦସ୍ୟ ବଲ୍ଲଭ ରାଉତଙ୍କ ଅବଧି ପରେ ଖାଲି ପଡିଛି। ନୂତନ ସଦସ୍ୟ ମନୋନୀତ କରୁ ନ ଥିବା ଯୋଗୁ ଜିଲାର ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମାରୋହରେ ଯଥାର୍ଥ ପ୍ରତିନିଧିତ୍ୱ ହୋଇ ପାରୁ ନାହିଁ। ଏହା ବ୍ୟତୀତ ଜିଲ୍ଲାର ଛାତ୍ରୀଛାତ୍ର ମାନଙ୍କର ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ରହିଥିବା ପ୍ରତିଭାର ବିକାଶ ପାଇଁ ଏକାଡେମୀ ପକ୍ଷରୁ ଆୟୋଜନ ହେଉଥିବା କାର୍ଯ୍ୟକ୍ରମ ଗୁଡିକରେ ବ୍ୟାଘାତ ସୃଷ୍ଟି ହେଉଛି। ଏକାଡେମୀ ସଦସ୍ୟଙ୍କ ଅଭାବରୁ ଉପୁଜୁଥିବା ସମସ୍ୟାର ସମାଧାନ ପାଇଁ ତୁରନ୍ତ ଜିଲାର ସାହିତ୍ୟ ଏକାଡେମୀ ସଦସ୍ୟ ପଦବୀ ପୂରଣ ପାଇଁ ଭାଗୀରଥି ସ୍ମୃତି ସଂସଦ ସମ୍ପାଦକ ରାମ ପ୍ରସାଦ ପାତ୍ର ଦାବି କରିଛନ୍ତି।

## ସ୍କୁଲରେ ମହୁମାଛି ଆତଙ୍କ

**ଫିରିଙ୍ଗିଆ,୩।୨ (ବିକ୍ରମ ଦିଗାଲ)**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ପରିସରରେ ଥିବା ସରକାରୀ ଉନ୍ନୀତ ବିଦ୍ୟାଳୟରେ ଶନିବାର ସକାଳେ ମହୁମାଛି ଆତଙ୍କ ଦେଖିବାକୁ ମିଳିଥିଲା। ପ୍ରତିଦିନ ପରି ଛାତ୍ରୀଛାତ୍ର ଏକାଠି ହୋଇ ପ୍ରାର୍ଥନା କରିବା ସମୟରେ ହଠାତ ମହୁମାଛି ମାଡି ଆସିଥିଲେ। ଏଥିରେ ସମସ୍ତେ ଭୟଭୀତ ହୋଇ ଏଣେତେଣେ ଧାଇଁବାରେ ଲାଗିଥିଲେ। ସେଥିରେ ଉପସ୍ଥିତ ଥିବା ଖେଳ ଶିକ୍ଷକ ବାସୁଦେବ ସାହାଣୀ ସମସ୍ତ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ସହିତ ପ୍ରତ୍ୟେକ ଶ୍ରେଣୀରେ ପହଞ୍ଚାଇଥିଲେ। ସ୍କୁଲ ପରିସରରେ ଥିବା ବିଶାଳ ଶିମିଳି ଗଛରେ ଏହି ମହୁମାଛି ବସା ବାନ୍ଧୁଥିବାରୁ ଗଛକୁ କାଟିବା ପାଇଁ ବନ ବିଭାଗ ଅଧିକାରୀ ରବୀନ୍ଦ୍ର କୁମାର ପାତ୍ରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

# ଓଡ଼ିଆ ଭାଷାର ପ୍ରସାର ନେଇ ଉଦ୍ୟମ କରିବା ଆବଶ୍ୟକ


ବନ୍ଦେ ଉତ୍କଳ ଜନନୀ ଗାନକରାଯାଉଛି।

**କୋଷାଗୁମୁଡ଼ା, ୩।୨ (ପ୍ରସାଦ ବିଷୋୟୀ)**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଶନିବାର ବିଶ୍ୱ ଓଡ଼ିଆ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ମୁଖ୍ୟ କିରାଣି ବାଳକୃଷ୍ଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସର୍ବେଶ୍ୱରୀ ମାଝି ମୁଖ୍ୟ ଅତିଥି, ବ୍ଲକ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଓଡ଼ିଆ ଭାଷାର ପ୍ରଚାରପ୍ରସାର ପାଇଁ ପ୍ରତ୍ୟେକ ନାଗରିକ ଉଦ୍ୟମ କରିବା ଆବଶ୍ୟକ ରହିଛି ବୋଲି ଆଲୋଚନା ହୋଇଥିଲା। ପ୍ରଥମେ ଶିଶୁମନ୍ଦିର ବିଦ୍ୟାଳୟ ଛାତ୍ରୀଛାତ୍ର ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ପରେ ବରିଷ୍ଠ ଲେଖକ, ସାହିତ୍ୟିକ, କବି, ବରିଷ୍ଠ ନାଗରିକଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। କବି ଲେଖକମାନେ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଶ୍ରୀ ଶ୍ରୀ ବିଦ୍ୟାମନ୍ଦିର ସ୍କୁଲ ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ।

# ବୃଦ୍ଧଙ୍କୁ ଉଦ୍ଧାର କଲେ ବେହେଡ଼ା ଗ୍ରାମବାସୀ

**ଉମରକୋଟ, ୩।୨ (ସନ୍ତୋଷ ଶତପଥୀ)**

ଦୀର୍ଘ ୨ ଦିନ ଧରି ଭୋକ ଉପାସରେ ପଡ଼ିଥିବା ଜଣେ ବୃଦ୍ଧଙ୍କୁ ବେହେଡା ଗ୍ରାମବାସୀ ଉଦ୍ଧାର କରି ଉମରକୋଟ ହସ୍ପିଟାଲ୍‌କୁ ପଠାଇଛନ୍ତି। ବୃଦ୍ଧଙ୍କ ପରିଚୟ ମିଳିନାହିଁ। ସୂଚନାନୁଯାୟୀ, ଦୀର୍ଘ ୨ ଦିନ ଧରି ବୃଦ୍ଧ ଜଣଙ୍କ ବେହେଡ଼ା ଛକରେ ଏକ ଲଟା ବୁଦା ମଧ୍ୟରେ ପଡ଼ି ରହିଥିଲେ। ଶନିବାର କେତେଜଣ ଗ୍ରାମବାସୀ ତାଙ୍କୁ ଦେଖି ସାମାଜିକ କର୍ମୀ ସୁଦାମ ମିଶ୍ରଙ୍କୁ ଖବର ଦେଇଥିଲେ। ଖବର ପାଇଁ ସରପଞ୍ଚ ଓ କେତେଜଣ ଗ୍ରାମବାସୀ ସେଠାରେ ପହଞ୍ଚି ଥିଲେ। ବୃଦ୍ଧ ଜଣଙ୍କ କିଛି ଦିନ ଧରି ଖାଇ ନ ଥିବା ଜାଣି ଗ୍ରାମବାସୀ ତାଙ୍କୁ ଖାଇବାକୁ ଦେଇଥିଲେ। ବୃଦ୍ଧ ଜଣଙ୍କ ମାନସିକ ବିକୃତ ଥିବା ଜଣାପଡିଛି। ଗ୍ରାମବାସୀ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଉମରକୋଟ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ସେଠାରେ ତାଙ୍କ ଚିକିତ୍ସା ଚାଲିଛି।

# କବି ସମ୍ମାନ ଉତ୍ସବ

**ଡାବୁଗାଁ, ୩।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ସିଧା ପ୍ରସାରଣ ଶନିବାର ଅନୁଷ୍ଠିତ ହୋଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପୂର୍ବାହ୍ନ ୧୧ଟାରେ ରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଥିଲା। ପରେ ଡାବୁଗାଁ ବ୍ଲକ କବି ଅଧାପକ ରମେଶ ଚନ୍ଦ୍ର ନାହାକ, ଅବସରପ୍ରାପ୍ତ ଶିକ୍ଷକ ଅଜୟ ବଲ୍ଲଭ ପଣ୍ଡା, ଶିକ୍ଷକ ସୁବ୍ରତ ମହାନ୍ତି, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ହୋତା, ଗିରିଶବାଳା ଜେନା, ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ, ସୁଷମା ପାଣିଗ୍ରାହୀ, ସୂରଥ ଚନ୍ଦ୍ର ଜେନା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଜିଲା ପରିଷଦ ସଭ୍ୟ ଧନ ସିଂ ଭତରା ଓ ଗୁପ୍ତ ବିଷୋୟୀ, ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଛି।


ଅତିଥିଙ୍କ ସହ ସମ୍ମାନିତ ହୋଇଥିବା କବିମାନେ।

# ଟେକ୍ନୋ ଗୁରୁକୁଳ ବିଦ୍ୟାଳୟର ବାର୍ଷିକ ଉତ୍ସବ


ଅତିଥିଙ୍କ ସହ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର।

**ନବରଙ୍ଗପୁର,୩।୨ (ସଦାଶିବ ପ୍ରହରାଜ)**

ନବରଙ୍ଗପୁରସ୍ଥିତ ଟେକ୍ନୋ ଗୁରୁକୁଳ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏନେଇ ପୂର୍ବାହ୍ନ ୯ଟାରେ ସଦାଶିବ ତ୍ରିପାଠୀ ପାର୍କ ନିକଟରୁ ଏକ ମଶାଲ ଶୋଭାଯାତ୍ରା ବାହାରି ସାଇ କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲା। ଜିଲାପାଳ କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମଶାଲ ପ୍ରଜ୍ୱଳନ କରି ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ସମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, କାଉନସିଲର ନଗେନ୍ଦ୍ର ପଟ୍ଟନାୟକ, ପ୍ରିନ୍ସିପାଲ ସଂଗ୍ରାମ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଯୋଗ ଦେଇଥିଲେ।

ଅପରାହ୍ନ ୪ଟାରେ ସାଇ କଲ୍ୟାଣ ମଣ୍ଡପରେ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନବରଙ୍ଗପୁର ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ସମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର , ବିଇଓ ରମେଶ ରାୟ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ମାନପତ୍ର ପ୍ରଦାନ କରିଛନ୍ତି। ପ୍ରିନ୍ସିପାଲ ସଂଗ୍ରାମ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିରିକ୍ତ ଉପାଧ୍ୟକ୍ଷ ସରିତା ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ବିଦ୍ୟାଳୟ ଏନ୍‌ସିସି ଛାତ୍ରମାନେ ଏଥିରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ବନଜା ପଣ୍ଡା, ଦୀପା ଜେନା, ଶ୍ରୀଜୟା ପାଢି, ସାଇ ଗଙ୍ଗା ଆଚାରୀ, ପ୍ରତ୍ୟୁଷ କୁମାର ଗିରି ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# 'ନିଜ ସ୍ୱତନ୍ତ୍ରତାକୁ ଚିହ୍ନି ଆଗକୁ ବଢ଼'

**ଝରିଗାଁ,୩।୨ (କିଶୋର ଚନ୍ଦ୍ର ମଣ୍ଡଳ)**

**ଝରିଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ**

ନବରଙ୍ଗପୁର ଜିଲାର ଝରିଗାଁସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୫ମ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ବୁଲୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝି, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟା ଯମୁନା ଗଣ୍ଡ, ବିଇଓ ଜଗନ୍ନାଥ ଧରୁଆ, ବିଦ୍ୟାଳୟ ପରିଚାଳନା ଓ ଉନ୍ନତୀକରଣ ସମିତି ସଭ୍ୟ ସୀମାଞ୍ଚଳ ତ୍ରିପାଠୀ ଏବଂ ବିନୋଦିନୀ ରଥ ପ୍ରମୁଖ ଯୋଗ ଦେଇଥିଲେ। ଏଠାରେ ପିଲାଙ୍କୁ ମାଗଣାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି । ଝରିଗାଁ ଆଦର୍ଶ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଦଶମ ଶ୍ରେଣୀରେ ଶତ ପ୍ରତିଶତ ଫଳାଫଳ ରହିଥିବା ସହିତ ବିଭିନ୍ନ ଖେଳ ଆଦି କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ନେଇ ଅଧ୍ୟକ୍ଷ କହିଥିଲେ। ସ୍କୁଲର ଖେଳ ପଡ଼ିଆ, ନଳକୂପ ସମସ୍ୟା ସମ୍ପର୍କରେ ମୁଖ୍ୟ ଅତିଥିଙ୍କୁ ଅଧ୍ୟକ୍ଷ ସାହୁ ଅବଗତ କରାଇଥିଲେ। ରାଜ୍ୟ ସରକାର ସର୍ବଦା ଶିକ୍ଷାକୁ ଗୁରୁତ୍ୱ ଦିଅନ୍ତି। ଶିକ୍ଷାରେ ପଛୁଆ ପ୍ରତ୍ୟେକ ବ୍ଲକରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରି କେନ୍ଦ୍ରୀୟ ବିଦ୍ୟାଳୟ ପରି ସମାନ ସୁବିଧା ଦିଆଯାଉଛି ବୋଲି ମୁଖ୍ୟ ଅତିଥି କହିଛନ୍ତି। ବିଦ୍ୟାଳୟର ସମସ୍ୟା ଅତିଶୀଘ୍ର ସମାଧାନ କରାଯିବ ବୋଲି ସେ କହିଥିଲେ। ନିଜ ଭିତରେ ଥିବା ସ୍ୱତନ୍ତ୍ରତାକୁ ଚିହ୍ନି ଆଗକୁ ବଢ଼ି ସଫଳତା ହାସଲ କର। ଏଥିସହ କଠୋର ପରିଶ୍ରମ କରି ମା' ବାପାଙ୍କ ସ୍ୱପ୍ନକୁ ସାକାରକରି ଆଦର୍ଶ ମଣିଷ ହେବା ପାଇଁ ଅତିଥି ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଗ୍ରାମାଞ୍ଚଳର ମେଧାବୀ ଛାତ୍ରୀଛାତ୍ରମାନେ ନିଜ ଅଞ୍ଚଳରେ ରହି ସିବିଏସ୍‌ସି ଅନୁବନ୍ଧିତ ପାଠ ପଢି ପାରୁଛନ୍ତି ବୋଲି ବିଇଓ କହିଛନ୍ତି। ୬ଷ୍ଠ ଶ୍ରେଣୀରେ ନାମ ଲେଖାଇବା ପରେ ପ୍ରତ୍ୟେକ ଛାତ୍ରୀଛାତ୍ର ଗୋଟିଏ ଲେଖାଏ ଗଛ ଲଗାଇବା ସହିତ ତାହାର ଯତ୍ନନେବା ଦରକାର ବୋଲି ବିଇଓ ମତ ଦେଇଛନ୍ତି। ଏହି ଅବସରରେ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ (୨୦୨୨–୨୩) ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାଳୟର ଛାତ୍ରୀ ଅଙ୍କିତା ବିଶ୍ୱାସଙ୍କୁ ସମ୍ମାନିତ କରାଯାଇଛି। ଚଳିତ ବର୍ଷର ସର୍ବଶ୍ରେଷ୍ଠ ବିଦ୍ୟାର୍ଥୀ ସମ୍ମାନରେ ସିଦ୍ଧାର୍ଥ ମିଶ୍ରଙ୍କୁ ସମ୍ମାନିତ କରାଯାଇଛି। ବାର୍ଷିକ ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟ ପରିସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ବିଦ୍ୟାଳୟର ରାଜୁ ହରିଜନ, ମାମିନା ସାହୁ, ମନୋଜ ବିଶ୍ୱାଳ, କ୍ରିଷ୍ଟିନା ବାରିକ, ରିତୁ ମେହେର, ନିଶାମଣି ଦାସ, ଆଶୁତୋଷ ପଣ୍ଡା, ଅମରେନ୍ଦ୍ର ପ୍ରସାଦ ସାହୁ, ଆକାଶ ସାହାଣୀ, ଛନ୍ଦାଚରଣ ସେଠ, କାହ୍ନୁ ଚରଣ ମହାରଣା, ସରୋଜ କୁମାର ଦଣ୍ଡପତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥି ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

